ଧରିତ୍ରୀ
DHARITRI

August 7-13, 2022 ₹ 2/-

ଛୁଟିଦିନ



# ବନ୍ଧୁତା

ପ୍ରଚ୍ଛଦ ପ୍ରସଙ୍ଗ

୩

ସେ ହିଁ ବନ୍ଧୁ;
ଯିଏ ଜୀବନ ସହ,
ସମୟ ସହ ବାନ୍ଧି
ହୋଇଯାଏ। ଆଉ
ଆଜୀବନ ବନ୍ଧୁତା
ନିର୍ବାହ କରୁଥାଏ
ବର୍ତ୍ତମାନ ଏବଂ
ଅବର୍ତ୍ତମାନରେ...

# ବନ୍ଧୁତା କେମିତି ଡିଷ୍ଠି ରହିବ

**ଜୀବନକୁ ସରସ, ସୁନ୍ଦର ଆଉ ସୁଖମୟ କରିଥାଏ ବନ୍ଧୁତା। ତେବେ ଏହାକୁ ଦୀର୍ଘସ୍ଥାୟୀ କରିବା ପାଇଁ କେତୋଟି କଥା ଉପରେ ଗୁରୁତ୍ୱ ଦେବା ନିହାତି ଜରୁରୀ..**

*ବନ୍ଧୁତା ବିଶ୍ୱାସ ଉପରେ ତିଷ୍ଠି ରହିଥାଏ। ସେଥିପାଇଁ ବନ୍ଧୁଙ୍କୁ କେବେ ବି ମିଛ କହିବା ଠିକ୍ ନୁହେଁ। କାରଣ ସମ୍ପର୍କରେ ମିଛ ଆସିଗଲେ ସମ୍ପର୍କର ମଧୁରତା କମିଯାଏ। ଏପରି କି ବନ୍ଧୁତା ମଧ୍ୟ ଦୁର୍ବଳ ହୋଇଯାଏ।



* ବନ୍ଧୁ ସହ ସମ୍ପର୍କ ନିଃସ୍ୱାର୍ଥ ଭରା ହେବା ଦରକାର। କେବେ ବି ବନ୍ଧୁର ଫାଇଦା ଉଠାଇବା ଠିକ୍ ନୁହେଁ। ଏପରିକି ପଇସାପତ୍ରର କାରବାର କରିବା ବି ଉଚିତ ନୁହେଁ। ଅବଶ୍ୟ ବନ୍ଧୁର ଆବଶ୍ୟକତା ସମୟରେ ତାକୁ ଟଙ୍କାପଇସାର ସାହାଯ୍ୟ କରାଯାଇପାରେ, କିନ୍ତୁ ତାହାକୁ ନେଇ ପରେ ମନ ଭିତରେ ବଡ଼ିମା ଦେଖାଇବା ଆଦୌ ଶୋଭନୀୟ ନୁହେଁ।

* ପ୍ରିୟ ବନ୍ଧୁକୁ କେବେ କୌଣସି କଥା ଲୁଚାଇବା ଠିକ୍ ନୁହେଁ। ଯେତେବେଳେ ବନ୍ଧୁ ବନ୍ଧୁ ଭିତରେ କୌଣସି କଥା ଲୁଚାଲୁଚି ହୁଏ, ସେଠି ସମ୍ପର୍କରେ ନିବିଡ଼ତା ଆସେ ନାହିଁ; ଯଦ୍ୱାରା ଧୀରେ ଧୀରେ ବନ୍ଧୁତାରେ ଫାଟ ସୃଷ୍ଟି ହେବାକୁ ଲାଗେ।

* କାହା ସହିତ ବନ୍ଧୁତା କରିଛନ୍ତି ମାନେ ତାହାକୁ ଠିକ୍ ରୂପେ ତୁଲାଇବା ବି ଦରକାର। ଅର୍ଥାତ୍ ବନ୍ଧୁଙ୍କ ଆବଶ୍ୟକତାବେଳେ ତାଙ୍କ ପାଖରେ ପହଞ୍ଚି ତାଙ୍କୁ ଯଥା ସମ୍ଭବ ସାହାଯ୍ୟ କରିବା ଆବଶ୍ୟକ।

ବାସ୍ ଏହି କେତୋଟି କଥାକୁ ଯଦି ନଜର ଦିଆଯାଏ, ତା'ହେଲେ ବନ୍ଧୁତା ବହୁତ ଦିନ ପର୍ଯ୍ୟନ୍ତ ରହିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅଗଷ୍ଟ ୭-୧୩**

**ମେଷ:** ମାନସିକ ସ୍ଥିରତା, ଅର୍ଥ ଲାଭ, କଳାସାହିତ୍ୟରେ ପ୍ରଶଂସା, ପାରିବାରିକ ସଦ୍‌ଭାବ, ଗୃହ ଭୂମି କ୍ରୟ ବିକ୍ରୟ, ନୂତନବନ୍ଧୁ ସମ୍ପର୍କ, ବ୍ୟବସାୟିକ ସଫଳତା, ଶାରିରକ ଅସୁସ୍ଥତା, ପରିବହନରେ କ୍ଷତି, କର୍ମକ୍ଷେତ୍ରରେ ସମସ୍ୟା, ପର୍ଯ୍ୟଟନର ସୁଯୋଗ।

**ବୃଷ:** ପଦମର୍ଯ୍ୟାଦା ବୃଦ୍ଧି, ସାମାଜିକ ସମ୍ମାନ, ଯାନବାହନ କ୍ରୟ, ବିଦେଶ ଯାତ୍ରା, ଆକସ୍ମିକ କଳହ, ନୀଚଜନ ସହ ସମ୍ପର୍କ, ପାରିବାରିକ ସମସ୍ୟା, ନିର୍ମାଣରେ ଦ୍ୱନ୍ଦ୍ୱ, ମନୋରଞ୍ଜନର ମଉକା, ବାଣିଜ୍ୟରେ ପ୍ରତିବନ୍ଧକ।

**ମିଥୁନ:** କାର୍ଯ୍ୟସିଦ୍ଧି, ସହକର୍ମୀଙ୍କ ଅସହଯୋଗ, ସମସ୍ୟା ସମାଧାନ, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ମାନସିକ ଅସ୍ଥିରତା, ଗବେଷଣାରେ ସଫଳତା, କଚେରୀ ମାମଲାରେ ହନ୍ତସନ୍ତ।

**କର୍କଟ:** ଅର୍ଥ ସଂକଟ, କାର୍ଯ୍ୟହାନୀ, ବନ୍ଧୁଙ୍କ ଆଶ୍ୱାସନା, ପାରିବାରିକ ସଦ୍‌ଭାବ, ସାହିତ୍ୟକୃତିରୁ ସମ୍ବର୍ଦ୍ଧନା, ପରିବହନରେ ବିବାଦ, ସମ୍ପର୍କୀୟଙ୍କ ସହଯୋଗ, ପ୍ରତିବନ୍ଧକ ଦୂରେଇବ, ସାଂସ୍କୃତିକ କାର୍ଯ୍ୟ।

**ସିଂହ:** ବ୍ୟୟବହୁଳ କାର୍ଯ୍ୟ, ମାନସିକ ଦୁଃଶ୍ଚିନ୍ତା, ବନ୍ଧୁଙ୍କ ନିମନ୍ତ୍ରଣ, ଯଶ ଖ୍ୟାତି ପାଇବେ, ହୋଟେଲ ବ୍ୟବସାୟରେ ଲାଭ, ଋଣ ପରିଶୋଧ, ପୈତୃକସମ୍ପତ୍ତିରେ ବିବାଦ, ସାମୟିକ ମତାନ୍ତର, ଭୁଲ୍ ବୁଝାମଣା, ପୁରାତନ ରୋଗପୀଡା, ମାମଲାରେ ବିଜୟ, ସାଂଗଠନିକ କାର୍ଯ୍ୟ।

**କନ୍ୟା:** ଭୋଗ ବିଳାସ, ଅର୍ଥ ପ୍ରାଚୁର୍ଯ୍ୟ, ସାମାଜିକ ପ୍ରଶଂସା, ପରୋପକାରରୁ ଆତ୍ମତୃପ୍ତି, ଯାନ୍ତ୍ରିକ ଜିନିଷ ଲାଭ, ଜମିବାଡି ବିବାଦ, ନିର୍ମାଣର ଶେଷ ପର୍ଯ୍ୟାୟ, ତୈଳଜାତ ବ୍ୟବସାୟରେ ଲାଭ, ନିର୍ମାଣରେ ସମସ୍ୟା, ରାଜନୈତିକ ଅସ୍ଥିରତା।

**ତୁଳା:** ନୂତନକର୍ମାରମ୍ଭ, ବନ୍ଧୁଙ୍କ ପ୍ରେରଣା, ଦୁଃସାହସିକ ପଦକ୍ଷେପ, ମହାଜନୀ ଚାପ, ସମ୍ପର୍କୀୟଙ୍କ ଅନୁରକ୍ତି, ଉପରିସ୍ଥଙ୍କ ଅନୁକମ୍ପା, ଅସାବଧାନତାରୁ ଅର୍ଥହାନୀ, ରପ୍ତାନୀ ବାଣିଜ୍ୟରେ ବାଧା, ଉଦ୍‌ବେଗଜନକ ସ୍ୱାସ୍ଥ୍ୟ, କ୍ରୀଡାରେ ସଫଳତା।

**ବିଛା:** ନିରାଶାର ପରିସମାପ୍ତି, ସରକାରୀ ସୁବିଧା, ଆନୁଷ୍ଠାନିକ ସମ୍ମାନ, ସଭାସମିତିକୁ ନିମନ୍ତ୍ରଣ, ଅଧ୍ୟୟନରେ ଏକାଗ୍ରତା, ନୀଚସଙ୍ଗରୁ ନିନ୍ଦା, ଯାତ୍ରା ସ୍ଥଗିତ, ଶେୟାର ବଜାରରେ ଉନ୍ନତି, ରାଜନୈତିକ ସମସ୍ୟା, ସନ୍ତାନଙ୍କ ବିଶୃଙ୍ଖଳା।

**ଧନୁ:** ପାରିବାରିକ ସୌହାର୍ଦ୍ଦ୍ୟ, ସ୍ୱଜନଙ୍କ ସୁପରାମର୍ଶ, ଗୃହଭୂମି ଲାଭ, ପ୍ରକାଶନରେ ବିଳମ୍ବ, ପ୍ରଶାସନିକ ତତ୍ପରତା, ସାଂଗଠନିକ ସହମତି, ଫାଇଲ୍ କାମରେ ବିତର୍କ, ଦୈହିକ ଅସୁସ୍ଥତା, ପଡୋଶୀଙ୍କ ଭୁଲ୍ ଧାରଣା।

**ମକର:** ଦକ୍ଷତାଭିତ୍ତିକ ସମ୍ମାନ, ବୈଷୟିକ ଉନ୍ନତି, ପାରିବାରିକ ସହମତି, ଅଂଶୀଦାରଙ୍କ ଅଙ୍ଗୀକାର, କ୍ରନିକ୍ ରୋଗରେ ପୀଡା, ପାରିବାରିକ ସନ୍ଦେହ, ବ୍ୟବସାୟିକ ଉତ୍କର୍ଷ, ଆନୁଷ୍ଠାନିକ ସଫଳତା, ମନ୍ତ୍ରଣାରୁ ନିଷ୍କର୍ଷ, ପରୋକ୍ଷ ଶତ୍ରୁତା।

**କୁମ୍ଭ:** ବନ୍ଧୁ ବତ୍ସଳତା, ଆର୍ଥିକ ଦୂରବସ୍ଥା, ପାରିପାର୍ଶ୍ୱିକ ବିଷମତା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ବ୍ୟବସାୟ ପ୍ରତିଷ୍ଠାନାରମ୍ଭ, ଭୁଲ୍ ବୁଝାମଣାରୁ କଳହ, ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ଘର ସୀମା ବିବାଦ, ବୈବାହିକ ସମ୍ପର୍କରେ ଆଲୋଚନା।

**ମୀନ:** ନୂତନ ଯୋଜନାରମ୍ଭ, ସାହାଯ୍ୟ ସହଯୋଗ ଲାଭ, ବନ୍ଧୁ ମିଳନ, ପରୋପକାରରୁ ପ୍ରଶଂସା, ପରିଭ୍ରମଣର ସୁଯୋଗ, ବନ୍ଧୁଙ୍କ ଅନାଦର ଭାବ, ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ସ୍ତ୍ରୀଙ୍କ ପ୍ରେରଣା, ଐଶ୍ୱରିକ ଅନୁଚିନ୍ତା, ମଉଳିବା ଆଶା କଅଁଳିବ।

# ବାସ୍ତୁ ଅନୁଯାୟୀ ପେଣ୍ଟିଂ

**ଘରକୁ ଆକର୍ଷଣୀୟ ଲୁକ୍ ଦେବା ପାଇଁ ଅନେକେ ଘରର କାନ୍ଥରେ ଖୁବ୍ ସୁନ୍ଦର ସୁନ୍ଦର ପେଣ୍ଟିଂ ଲଗାଇଥାନ୍ତି। ତେବେ ବାସ୍ତୁ ଅନୁଯାୟୀ, ଘରେ କେଉଁ ପ୍ରକାରର ପେଣ୍ଟିଂ ଲଗାଇଲେ ଶୁଭ ଫଳ ମିଳିଥାଏ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**



* ଦୌଡୁଥିବା ଘୋଡ଼ାକୁ ସଫଳତା, ଶକ୍ତିଶାଳୀ, ବିଶ୍ୱାସ ତଥା ସ୍ୱାଧୀନତାର ପ୍ରତୀକ ବୋଲି କୁହାଯାଇଥାଏ। ତେଣୁ ଷ୍ଟଡି ରୁମ୍ ହେଉ ଅବା ଲିଭିଙ୍ଗ୍ ରୁମ୍‌ର କାନ୍ଥରେ ଗୋଟିଏ ନିର୍ଦ୍ଦିଷ୍ଟ ଦିଗକୁ ମୁହଁ କରି ଓ ଅଯୁଗ୍ମ ସଂଖ୍ୟାର ଘୋଡ଼ା ଦୌଡୁଥିବାର ପେଣ୍ଟିଂ ଲଗାଇଲେ ଶୁଭଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

* ଘରର ପୂର୍ବ କିମ୍ବା ଉତ୍ତର ଦିଗର କାନ୍ଥରେ ଝରଣା ବହୁଥିବାର ପେଣ୍ଟିଂ ଲଗାଇବା ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

* ପୂଜା ଘର ହେଉ ଅବା ଷ୍ଟଡି ରୁମ୍ କିମ୍ବା ଡାଇନିଂ ରୁମ୍‌ରେ ବୁଦ୍ଧଦେବଙ୍କର ପେଣ୍ଟିଂ ଲଗାଇଲେ ଘରେ ସୁଖଶାନ୍ତି ବୃଦ୍ଧି ହେବା ସହ ମନ ଶାନ୍ତ ରହିଥାଏ ବୋଲି ବିଶ୍ୱାସ ରହିଛି।

* ସେହିପରି ଷ୍ଟଡି ରୁମ୍‌ର ଟେବୁଲ୍ ପାଖରେ ଭଗବାନ ଗଣେଷ କିମ୍ବା ମାତା ସରସ୍ୱତୀଙ୍କର ପେଣ୍ଟିଂ ଲଗାଇଲେ ଏକାଗ୍ରତା ବଢ଼ିଥାଏ।

# ପାଠକୀୟ

* ବର୍ଷା କଥା ଆସିଲେ ଯେମିତି ମନରେ ଆସେ କାଗଜଡଙ୍ଗା କଥା, ସେମିତି ମନରେ ଆସେ ଇଲିସି ଆଉ ବାଲିଛତୁର କଥା। ତେଣୁ ଏଥରର 'ବର୍ଷା, ଇଲିଶି ଓ ବାଲିଛତୁ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। ସେହିପରି 'କିପରି ହେବା ଦରକାର ପ୍ରବେଶ ଦ୍ୱାର' ଏବଂ 'ଜାମୁକୋଳିର ଉପକାରିତା' ଆଦି ପାଠଦୁଇଟିରୁ ଅନେକ ଅଜଣା କଥା ଜାଣିହେଲା। ସେଲିବ୍ରିଟି ସିକ୍ରେଟ୍‌ରୁ ଆଙ୍କର୍ କମ୍ ଅଭିନେତ୍ରୀ ଏଲି ପାଢୀଙ୍କ ଜୀବନି ବିଷୟରେ ବହୁ ଅକୁହା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*–ପ୍ରକାଶ ଜେନା, ନାଲ୍‌କୋ ନଗର, ଅନୁଗୋଳ*

*ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବର୍ଷା, ଇଲିଶି ଓ ବାଲିଛତୁ' ଏକ ନିଆରା ଭାବନା ଉପରେ ପର୍ଯ୍ୟବସିତ ଥିଲା। ବର୍ଷାଦିନେ ବିଭିନ୍ନ ପ୍ରକାରର ମାଛ ସାଙ୍ଗକୁ ନାନାଦି ପ୍ରକାର ପରିବା ତଥା ଫଳମୂଳ ଖାଇବାକୁ ମିଳିଥାଏ। ବିଶେଷକରି ଇଲିଶି ମାଛର ସମ୍ବାର ସାଙ୍ଗକୁ ବାଲିଛତୁର ସ୍ୱାଦ ବର୍ଷା ଦିନେ ଭାରୀ ସୁସ୍ୱାଦୁ ଲାଗେ। ତେଣୁ ଏହି ବିଷୟକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ଭାରୀ ସୁନ୍ଦର ହୋଇଥିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ 'କଳା କୁଶଳୀ ନିକୁଞ୍ଜ ବିହାରୀ'ଙ୍କ ଜୀବନି ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଜାଣି ଖୁସି ଲାଗିଲା। *–ମନସା ଷଡଙ୍ଗୀ, ବୋମିଖାଲ, ଭୁବନେଶ୍ୱର*

*ସୃଜନ ପୃଷ୍ଠାରେ ସ୍ଥାନିତ 'ମିଛ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ଅନ୍ୟପକ୍ଷେ 'ମୋ ଗାଁ ଶ୍ରାବଣୀ', 'ପ୍ରିୟମ୍ବଦାର ଚିଠି' ନାମକ କବିତା ଦୁଇଟି ବି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। ଖାସ୍ କରି ଏଥିରେ ସ୍ଥାନିତ କାଜୋଲ ଓ ଶାହାରୁଖଙ୍କ ଆଲିଙ୍ଗନାଭରା ଫଟୋଟି ବେଶ୍ ସୁନ୍ଦର ଲାଗୁଥିଲା। ସାଥୀର ଉତ୍ତରଗୁଡ଼ିକ ମଧ୍ୟ ଯେତିକି ରୋମାଣ୍ଟିକ୍ ଥିଲା ଭାଷା ବିଜ୍ଞାନୀ ତଥା ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନକେନ୍ଦ୍ରର ବରିଷ୍ଠ ଗବେଷକ ଦେବାଶିଷ ମହାପାତ୍ରଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ବି ସେତିକି ପ୍ରେରଣାଦାୟୀ ଲାଗୁଥିଲା।

*–ବନ୍ଦନା ପାତ୍ର, ସୁନାବେଡ଼ା*

*ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ କେତେ ଗୁଡ଼ିଏ ଟେଣ୍ଡି ଛତା ସମ୍ପର୍କରେ ଜାଣି ଖୁସି ଲାଗିଲା। ମଡେଲ୍ ମିରର୍‌ରେ ମନୋଜ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସେହିପରି ବର୍ଷାଦିନେ କେଉଁ କେଉଁ ସ୍ଥାନକୁ ବୁଲି ଯାଇହେବ, ସେ ସମ୍ପର୍କରେ ସହର ପୃଷ୍ଠାରୁ ବହୁ କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଓଲଟା ବହୁଛି ଝରଣା' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଆଲ୍‌ଫାବେଟ୍ ସୁପ୍‌ରେ ରେକର୍ଡ', 'ପକ୍ଷୀଙ୍କ ପାଇଁ ଆପାର୍ଟମେଣ୍ଟ' ଓ 'କପଡ଼ା କଣ୍ଟେଇକୁ ବାହା ହେଲେ, ମା' ବି ହେଲେ' ଆଦି ପାଠଗୁଡ଼ିକ ଯେତିକି ମଜାଦାର୍ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଥିଲା।

*–ରାଧିକା ଦାଶ, କେନ୍ଦ୍ରାପଡ଼ା*



## ବିଶେଷ ଚିଠି

ପ୍ରଚ୍ଛଦରେ ବର୍ଷା, ଇଲିଶି ଓ ବାଲିଛତୁ
ଜଗାଇଲା ମନରେ ପ୍ରେମରତୁ।
ତା'ସାଙ୍ଗକୁ ପୁଣି ସିନେମା ଓ ସୃଜନ
ମନେ ଭରିଦେଲା ସିଏ ଲକ୍ଷେ ଫଗୁଣ।
ସାଥୀର ଉତ୍ତର କଲା କିମିଆ
ମନେ ଲଗାଇଲା ସିଏ ପ୍ରେମର ନିଆଁ।
ବୁଲିଗଲି ନୂଆ ନୂଆ ଜାଗା ସହରଠୁ ଦୂରେ
ତାହାର ସମକକ୍ଷ ଆଉ କିଏ ହୋଇପାରେ।
ସେଥିପାଇଁ ଛୁଟିଦିନ ତୁମକୁ ମୁଁ ଭଲପାଏ
ସବୁବେଳେ ତୁମକୁ ହୃଦୟରେ ରଖିଥାଏ।
*–ପ୍ରିୟଙ୍କା ମହାନ୍ତି, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



ସେ ହିଁ ବନ୍ଧୁ; ଯିଏ ଜୀବନ ସହ, ସମୟ ସହ ବାନ୍ଧି ହୋଇଯାଏ। ଆଉ ଆଜୀବନ ବନ୍ଧୁତା ନିର୍ବାହ କରୁଥାଏ ବର୍ତ୍ତମାନ ଏବଂ ଅବର୍ତ୍ତମାନରେ...

# ବନ୍ଧୁତା



ବନ୍ଧୁତା ଚିର ବର୍ତ୍ତମାନ । ସେ ହିଁ ବନ୍ଧୁ; ଯିଏ ଜୀବନ ସହ, ସମୟ ସହ ବାନ୍ଧି ହୋଇଯାଏ। ଆଉ ଆଜୀବନ ବନ୍ଧୁତା ନିର୍ବାହ କରୁଥାଏ ବର୍ତ୍ତମାନ ଏବଂ ଅବର୍ତ୍ତମାନରେ । ବନ୍ଧୁତା ପାଇଁ ବୟସ, ଲିଙ୍ଗ କି ପାତ୍ରର ବିଚାର ନ ଥାଏ। ମନକୁ ମନ ମିଳିଲେ, ବିଶ୍ୱାସ ଖୋଜି ପାଇଲେ, ସାହାରା ହେବାର ଶକ୍ତି ଟିକକ ପାଇଲେ ହିଁ ବନ୍ଧୁତା ଗଢ଼ି ହୋଇଯାଏ। 'ବନ୍ଧୁ' ଶବ୍ଦଟି ଆଗରେ 'ଖରାପ' ବିଶେଷଣ ଲାଗିବା ଅଯଥାର୍ଥ ଯେହେତୁ ବନ୍ଧୁ ଶବ୍ଦଟି ନିଜେ ନିଜର ପରିଚୟ। ବନ୍ଧୁତା ହେଉଛି ସେହି ଦର୍ପଣ ଯାହା ଦେହରେ ଆମକୁ ଆମ ନିଜର ପ୍ରତିବିମ୍ବ ଦିଶେ। ବନ୍ଧୁତାର କଥା କହୁ କହୁ ମଣିଷ ଦାର୍ଶନିକ ହୋଇଯାଏ ଏଥିପାଇଁ ଯେ, ବନ୍ଧୁନାମକ ମଣିଷ ସେହି ସବୁ ବିରଳ ଅନୁଭବ ଦେଇଥାଏ ; ଯାହାକୁ ଆଧାର କରି ପ୍ରତିକୂଳ ସମୟକୁ ମଧ୍ୟ ଅତିକ୍ରମୀ ହୁଏ। ପିଲାବେଳର ବାଲି ଖେଳରୁ ତିଆରି ହୋଇଥିବା ବନ୍ଧୁତା ବୟସ ଓ ସମୟ ଅନୁସାରେ ଦୃଢ଼ ଏବଂ ସୁନ୍ଦର ହୋଇଯାଇଥାଏ ଆତ୍ମିକ ସ୍ତରରେ। ଏଠାରେ ସେମିତି କିଛି ବନ୍ଧୁମାନଙ୍କ କାହାଣୀ କହିଛି, ଯାହାର ଆରମ୍ଭ ତ ପିଲାଦିନର ପାଠପଢ଼ା ଆଉ ଖେଳ ସାଙ୍ଗରୁ କିନ୍ତୁ ସମୟ ସହିତ ଆହୁରି ଅଧିକରୁ ଅଧିକ ଦୃଢ଼ ହୋଇ ଠିଆ ହୋଇଛି ଆଉ ଅନେକଙ୍କ ପାଇଁ ଉଦାହରଣ ପାଲଟିଛି।

## ବନ୍ଧୁତା ଯୋଜନା କରି ଗଢ଼ା ହୁଏନି

**– କେଶୁ ଦାସ(ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ)**

ପାରମ୍ପରିକ ହଜିଯାଉଥିବା କଳାକୁ ପୁନରୁଦ୍ଧାର କରିବା ପାଇଁ ଦୀର୍ଘ ବର୍ଷ ଧରି ନିଜକୁ ପୂର୍ଣ୍ଣ ସମର୍ପି ଦେଇଥିବା ଶିଳ୍ପୀ ହେଉଛନ୍ତି କେଶୁ ଦାସ। ଭାରତୀୟ କଳା ଜଗତର ଏକ ଅନନ୍ୟ ନାଁ। ବନ୍ଧୁତାର କଥା କହିଲାବେଳେ ଭାବପ୍ରବଣ ଓ ଦାର୍ଶନିକ ହୋଇପଡ଼ନ୍ତି ସେ। ସେ କୁହନ୍ତି,'ମୋ ପିଲା ଦିନରୁ ଏ ପର୍ଯ୍ୟନ୍ତ ଅନେକ ବନ୍ଧୁ ଆସିଛନ୍ତି ଜୀବନରେ। ତାଙ୍କ ମଧ୍ୟରୁ ଜଣେ ହେଲେ ବିଜୟ ଆଚାର୍ଯ୍ୟ। ତାଙ୍କ ସହ ବନ୍ଧୁତା ବାଲେଶ୍ୱର ସହରର ଅରଡ ବଜାର ଚା'ଦୋକାନରୁ ପ୍ରାୟ କୋଡ଼ିଏ ବର୍ଷ ତଳେ। ଦୁହେଁ ସେହି ବଜାରରେ ପିରିବାର ନେଇ ରହୁଥିଲୁ ବହୁବର୍ଷ ଧରି। ସେ ଜଣେ ସାମାଜିକ କର୍ମୀ। ଉଭୟଙ୍କର ନିଅଣ୍ଟିଆ ସଂସାର। ତାଙ୍କର କୌଣସି ଚାକିରି ନ ଥିବା ବେଳେ ମୋର ମଧ୍ୟ ସେମିତି କୌଣସି ସ୍ଥାୟୀ ଉପାର୍ଜନ ନ ଥାଏ। ଚା' ଦୋକାନରେ ବସି ଚା' ପିଉ ପିଉ ବହୁତ ସମୟ ନିଜ ନିଜ ସିଦ୍ଧାନ୍ତକୁ ନେଇ ଯୁକ୍ତିତର୍କ ହୁଏ । ଏହାରି ମଧ୍ୟରେ ଆମ ଭିତରେ ଘନିଷ୍ଠତା ବଢ଼େ । ସେହି ସମୟରୁ ଆମେ ଦୁହେଁ 'ଅନ୍ଧ ଓ ଛୋଟାର ମେଳା ଦେଖା' ନ୍ୟାୟରେ ଦୁନିଆ ଦେଖିବାକୁ ବାହାରିଲୁ । ଆଜି ବି ଦେଖୁଛୁ । ଆମେ ଦୁହେଁ ଦୁହିଁଙ୍କୁ ନାମ ଧରି ଡକାଡକି ହେଉନା । ସେ ମତେ 'କେଶୁ ବାବୁ' ଓ ମୁଁ ତାଙ୍କୁ 'ବିଜୟ ବାବୁ' ବୋଲି ସମ୍ବୋଧନ କଲେ ମଧ୍ୟ ସ୍କୁଲ ସାଙ୍ଗ ଭଳି ବ୍ୟବହାର ଦୁହିଁଙ୍କର। ଦୁଇଜଣଙ୍କ ଅଭାବ ଅସୁବିଧାକୁ ଦୁଇଜଣ ମୁଣ୍ଡେଇ ନେଲା ବେଳେ ସୁଖ ସୁବିଧା ବି ଦୁଇଜଣ ଭାଗ କରିନେଉ। ତାଙ୍କ ଭୁଲ୍ ତ୍ରୁଟିକୁ ଧରାଇ ଦେଲେ, ସେ ଆନ୍ତରିକତାର ସହ ସ୍ୱୀକାର କରି କହନ୍ତି – ଗୁରୁଦେବ, ତବ ଆଜ୍ଞା ଶିରୋଧାର୍ଯ୍ୟ । ସେହିପରି ମୁଁ ଭୁଲ୍ କଲେ ମୋର ମଧ୍ୟ ସମାନ ସଂଳାପ । ଆଉ ଝଗଡ଼ା ହେଲେ ଅତି ବେଶିରେ ଗୋଟିଏ ସପ୍ତାହ ଦେଖାସାକ୍ଷାତ, କଥାବାର୍ତ୍ତା ବନ୍ଦ । ଦୁଇ ଜଣ ଯଦି ଗୋଟିଏ ବାଇକରେ ବସି ଦୁଇ ଚାରିଦିନ ବୁଲିଲୁ, ତେବେ ଅନ୍ୟମାନେ କଥା ହୁଅନ୍ତି – କିଛି ଗୋଟିଏ ଅଭିନବ ଘଟଣା ଘଟିବାକୁ ଯାଉଛି ବାଲେଶ୍ୱରରେ । ସତକଥା ହେଲା– ଏହି ବୁଲିବା ସମୟରେ ଆମେ କଳା ସଂସ୍କୃତିର ବିକାଶ ପାଇଁ ବିଭିନ୍ନ କାମ କରିଥାଉ। ବିଭିନ୍ନ ସମସ୍ୟା ସମୟରେ ପାରସ୍ପରିକ ସହଯୋଗ ଆମ ଦୁହିଁଙ୍କ ବନ୍ଧୁତାର ଡୋରିକୁ ସୁଦୃଢ଼ କରିଛି। ଆହୁରି ଅନେକ ବନ୍ଧୁ ତ ଅଛନ୍ତି କିନ୍ତୁ ବିଜୟବାବୁଙ୍କ ସହ ବନ୍ଧୁତା ନିଶ୍ଚୟ ପରମାର୍ଥ।









ଅଲେଖ ଚନ୍ଦ୍ର ମିଶ୍ର



ନବଘନ ପରିଡା



ବିଜୟ ଆଚାର୍ଯ୍ୟ



କେଶୁ ଦାସ



ବାନା ମିଶ୍ର



ବଦ୍ରୀ ମିଶ୍ର

## ବନ୍ଧୁତା ଏକ ସ୍ୱର୍ଗୀୟ ଅବଦାନ

### -ଅଲେଖ ଚନ୍ଦ୍ର ମିଶ୍ର, ସାହିତ୍ୟିକ ଓ ସ୍ତମ୍ଭକାର

ମାତ୍ର ୯ ବର୍ଷ ବୟସରୁ ଗପ ଲେଖିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଗଳ୍ପ, ପ୍ରବନ୍ଧ ଆଦି ଲେଖାଲେଖି କଲେ। ପ୍ରାୟ ୪୦ ବର୍ଷ ହେବ ବିଭିନ୍ନ ଓଡ଼ିଆ ଓ ଇଂଲିଶ ପତ୍ରପତ୍ରିକାରେ ତାଙ୍କର ସ୍ତମ୍ଭ ଓ ଲେଖା ନିୟମିତ ପ୍ରକାଶ ପାଉଛି। ସେ ହେଲେ କେନ୍ଦ୍ର ସରକାରଙ୍କ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଅଲେଖ ଚନ୍ଦ୍ର ମିଶ୍ର। ନିଜ ବନ୍ଧୁତାକୁ ନେଇ ସେ ବେଶ୍ ଭାବବିହ୍ୱଳ। ତାଙ୍କ ମତରେ- ପ୍ରାଚୀନ ରାମାୟଣର ରାମ-ସୁଗ୍ରୀବ କିମ୍ବା ମହାଭାରତର ଶ୍ରୀକୃଷ୍ଣ-ସୁଦାମ ଉପାଖ୍ୟାନ ହୁଅନ୍ତୁ ଅବା ଗ୍ରୀକ୍ ସାହିତ୍ୟର ଡାମନ୍ ଓ ପିଥିୟାଙ୍କ କାହାଣୀ ହେଉ ବନ୍ଧୁତାର ଅମର କଥା ଯୁଗଯୁଗ ଧରି ମାନବ ସମାଜକୁ ଦିଗ୍‌ଦର୍ଶନ ଦେଇ ଆସିଛି।

କିନ୍ତୁ ଗଭୀର ପରିତାପର ବିଷୟ ଗତ ଅର୍ଦ୍ଧଶତାବ୍ଦୀ ଭିତରେ ବନ୍ଧୁତାର ସଂଜ୍ଞା ପ୍ରାୟ ବଦଳି ଗଲାଣି। ଆଜି ଜୀବନର ସାୟାହ୍ନରେ ବାସ୍ତବ ବନ୍ଧୁଟିଏ ଖୋଜି ବସିଲେ ମନ ଆପେ ଟାଣି ହୋଇଯାଉଛି କେଉଁ ସୁଦୂର ଅତୀତକୁ। ତାରି ଭିତରେ ଭାସି ଉଠୁଛି ୧୯୫୮-୧୯୫୯ ମସିହାର ଏକ ସରଳ, ସୁନ୍ଦର ଓ ମେଳାପୀ ପିଲାର ମୁହଁ, ଯିଏ ଜୟରାମ ହାଇସ୍କୁଲ କରିଲୋପାଟଣା, କଟକ (ଏବେ କେନ୍ଦ୍ରାପଡା)ର ଅଷ୍ଟମ ଶ୍ରେଣୀରେ ମୋ ସହିତ ପଢୁଥିଲା। ବିନା ଜିଜ୍ଞାସାରେ ଅନେକ କଥା କହୁଥିବା ସେଇ ପିଲାଟିକୁ ଦିନେ ପଚାରିଲି, ତୁମ ନାଁ କ'ଣ ? ମୋ ନାମ ନବଘନ ପରିଡା। ଆମ ଗାଁ ଯମପଡା। ହେଲେ ମୋତେ 'ତୁମେ' କାହିଁକି କହୁଛୁ କିରେ ? ସାଙ୍ଗକୁ କ'ଣ ତୁମେ କୁହନ୍ତି ? ମୁଁ କେମିତି ସମସ୍ତଙ୍କୁ ତୁ କହୁଛି। ଏଣିକି ତୁ ବି ଏୟା କହିବୁ। ତା'ର ଏଭଳି ମେଳାପୀ ସ୍ୱଭାବ ଯୋଗୁଁ ସେ ସମସ୍ତଙ୍କର ପ୍ରିୟ ହୋଇଥିଲା। ପରୀକ୍ଷା ହଲରେ ପରୀକ୍ଷା ଚାଲିଥିବା ବେଳେ ନବ ନିଜର ସବୁ ଉତ୍ତର ଲେଖି ସାରି ଚାରିଆଡକୁ ଚାହେଁ। ଯଦି କେହି ସାଙ୍ଗ ଅସୁବିଧାରେ ପଡୁଥାଏ ତାକୁ ଯେମିତି ହେଲେ ସେ ସାହାଯ୍ୟ କରେ। ଶ୍ରେଣୀରେ ବି ଯଦି ସାର୍ କାହାକୁ ମାରନ୍ତି। ସେ ସାର୍‌ଙ୍କ ପାଖରେ ଆପତ୍ତି କରେ। ଦିନକର କଥା ମୋର ଏବେ ବି ମନେ ପଡ଼େ। ମତେ ଜ୍ୱର ହୋଇ ଥିଲା। ଅଧାରୁ ଘରକୁ ଯିବାକୁ ଚାହୁଁଥିଲି। କିନ୍ତୁ ସାର୍ ଛାଡ଼ିଲେ ନାହିଁ। ନବ ଆଉ ଦୁଇ ତିନିଜଣ ସାଙ୍ଗଙ୍କୁ ସାଥିରେ ନେଇ ଶ୍ରେଣୀ ଶିକ୍ଷକଙ୍କୁ ମୋ କଥା କହିଲା। ସଙ୍ଗେ ସଙ୍ଗେ ମତେ ଛୁଟି ମିଳିଗଲା। ସେଦିନର ସେ ପିଲାଟି ଆଜିର ପ୍ରଖ୍ୟାତ ଡାକ୍ତର ନବଘନ ପରିଡା, ଯିଏ ସମ୍ବଲପୁରସ୍ଥ ଭିଏସ୍ଏସ୍ ମେଡିକାଲ କଲେଜରେ ଅନ୍‌କଲୋଜି ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଭାବରେ ଅବସର ଗ୍ରହଣ କରି ଏବେ ଝାରପଡାସ୍ଥିତ ନିଜ ବାସଭବନରେ ରହୁଛନ୍ତି। ସ୍ୱଭାବ ଯେମିତା ଥିଲା ସେମିତି। ଡାକ ନ ଡାକ ଯେକୌଣସି ସାମାଜିକ ଉତ୍ସବରେ ସେ ଆପେ ପହଞ୍ଚିଯିବେ। ତାଙ୍କର ସହଯୋଗରେ ଆମ ବ୍ୟାଚ୍‌ର ବନ୍ଧୁମିଳନ ରୀତିମତ ଅନୁଷ୍ଠିତ ହେଉଛି। ତା'ଭଳି ବନ୍ଧୁ ସତରେ ବିରଳ।

## ବନ୍ଧୁ ଖୁସିରେ ଯେ ବନ୍ଧୁଠୁ ବି ଖୁସି

### -ବଦ୍ରୀ ମିଶ୍ର, ଗୀତିକାର ଓ ସାମାଜିକ କର୍ମୀ

ଜଣେ ସାମ୍ବାଦିକ, ଗୀତିକାର, ସାମାଜିକ କର୍ମୀ, ବ୍ୟଙ୍ଗଲେଖକ ହିସାବରେ ବିଶେଷ ପରିଚିତି ଅଛି ବଦ୍ରୀ ମିଶ୍ରଙ୍କର। ବାଲ୍ୟକାଳରୁ ବିଭିନ୍ନ ଲୋକଙ୍କ ସହ ଉଠାବସା ଥିଲେ ବି ବନ୍ଧୁ ହୋଇ ତାଙ୍କ ହୃଦୟରେ ଅଛନ୍ତି ବାନା ମିଶ୍ର। ବଦ୍ରୀ ମିଶ୍ର କୁହନ୍ତି, ଯିଏ ମୋତେ ବୁଝିପାରେ, ମୋ ଦୁଃଖରେ ଲୁହ ଝରାଇ ଓ ସୁଖରେ ବିହ୍ୱଳ ହୁଏ, ବିନା ସ୍ୱାର୍ଥରେ କହେ-'ମୁଁ ଅଛି ଡର କାହାକୁ ?' ଆଉ ପ୍ରତିବଦଳରେ ଯାହା ପାଇଁ ମୁଁ ନିଜଠାରୁ ଅଧିକ ଭାବେ ସେ ହିଁ ମୋର ବନ୍ଧୁ ବାନା। ଯାହାଠାରୁ ମୁଁ ବନ୍ଧୁତ୍ୱ କ'ଣ ଶିଖିଛି। ୧୯୬୨ ମସିହା। ମୋତେ ୩ ବର୍ଷ। ମୋ ବୋଉ କ୍ୟାନ୍ସରରେ ମରିଗଲେ। ସେପଟେ ବଡଭାଇ ମାଧବ ମିଶ୍ରଙ୍କଠାରୁ ବାନା ସବୁବେଳେ ମାଡ଼ ଖାଉଥିଲା। ଉଭୟଙ୍କ ଦୁଃଖକୁ କିପରି ବଣ୍ଟା ଯାଏ, ଆମକୁ ଜଣା ନ ଥିଲା, ତଥାପି ଜହ୍ନିମୁଣ୍ଡିଆ ଉପରେ ଉଭୟ ଉଭୟଙ୍କୁ ଚାହିଁ ଲୁହ ଝରାଉଥିଲୁ। ଏମିତି ଆରମ୍ଭ ହେଲା ସ୍କୁଲ୍ ଜୀବନ। ଭଲପାଠ ନ ପଢ଼ିଲେ ବି, ମୋର ବଡ଼ ସାଙ୍ଗ ଥିଲା ବାନା। ଆମ ଘରେ ସବୁବେଳେ ବାନାକୁ ଦେଖିବାକୁ ମିଳୁଥିଲା। ସେ ସମୟରେ ଆଜିକାଲିର ଟିଫିନ୍‌ବକ୍ସ କି ହାତଖର୍ଚ୍ଚ ନ ଥିଲା। ପକେଟରେ ନେଇଥିବା ନାଲିଚୁଡା-ଚିନି କିମ୍ବା ମୁଢ଼ି ଥିଲା ଆମ ଦୁହିଁଙ୍କ ଖାଦ୍ୟ। ମୋତେ ବାନା କାନ୍ଧରେ ବସେଇ ନାଗା ନାଚ ନାଚୁଥିଲା। ମୋତେ କିଏ କ'ଣ କହିଲେ, ମୋ ସପକ୍ଷରେ ଲଢୁଥିଲା। ସେ ସମୟରେ ପୁରୀରେ ବିଦ୍ୟୁତ ନ ଥିଲା। ସାହିରେ ୬ ଫୁଟିଆ କାଠ ଖୁଣ୍ଟ ଉପରେ ସନ୍ଧ୍ୟା ହେଲେ ମୁନିସିପାଲିଟି ଲଣ୍ଠନ ଜଳୁଥିଲା ଆଉ ଆମେ ଖୁଣ୍ଟ ଚାରିପାଖେ ଦିପିଦିପି ଆଲୁଅରେ ବସି ଘୋଷୁଥିଲୁ। ''ଦୁଇକେ ଦୁଇ ଦୁଇ ଦୁଗୁଣି ଚାରି' ତ କେତେବେଳେ ବଡପାଟିରେ କହୁଥିଲୁ ଅ-ଖ, ଅଖ, ର-ଥ, ରଥ। ଅଭାବ ଭିତରେ ବାନାର ପାଠପଢ଼ା ଦିନେ ବନ୍ଦ ହୋଇଗଲା। ତଥାପି ସେ ପ୍ରତିଦିନ ସ୍କୁଲ୍ ଆସେ ମୋଠାରୁ ଗଣିତ ଶିଖେ। ପଣିକିଆ ପଢ଼େ। ଏମିତି ହୋଇଗଲା ହାଇସ୍କୁଲ। ଏଣିକି ବାନା ଆଉ ମୋଠାରୁ ପାଠ ବୁଝିଲାନି, ହେଲେ ବିଶ୍ୱମ୍ଭର ବିଦ୍ୟା ପଢ଼ିଆରେ ଖେଳଛୁଟିରେ ଆମ ସହ କବାଡି ଖେଳିଲା ଓ ମୋ ପାଇଁ ଝିଲିକଇଁଆ ଖସାଇଲା। ୧୯୭୪ ବେଳକୁ ମୋର ହୋଇଗଲା କଲେଜ। ପ୍ୟାଣ୍ଟ-ଶାର୍ଟ ଅଭାବରେ ଧୋତି ପିନ୍ଧି ବାନା ବୋଧେ କଲେଜ ଆସିବାକୁ ଇଚ୍ଛା କଲା ନାହିଁ। ହେଲେ ଅଭାବ ଭିତରେ କୁଆଡୁ ପଇସା ପାଏ କେଜାଣି ମୋ ପାଇଁ ତିନିପଇସିଆ ନିମିକି ବିସ୍କୁଟ ତ, କେତେବେଳେ ଦୁଇ ପିଇସିଆ କମଳା ମିଠାଇ ଆଣେ। ଆମ ଘର ବିବାହ-ବ୍ରତଠାରୁ ମାର୍କେଟରୁ ପରିବା ଆଣିବା ଯାଏ ଥାଏ ବାନା। ସେ ସମୟରେ ଅକ୍ଷୟ ମହାନ୍ତିଙ୍କ ଗୀତ ମୁଁ ଖୁବ୍ ଗାଉଥାଏ, ଆଉ ବାନା ହୋଇଯାଏ ନିର୍ଦ୍ଦେଶକ। ଖୁବ୍ ସୁନ୍ଦରଭାବେ ପାଟିରେ ମୃଦଙ୍ଗ ଶବ୍ଦ କରି ସେ ମୋ ଗୀତ ସହ ନାଚେ ଓ ହସେ। ୧୯୭୮ରେ ମୋର ଚାକିରି ହୋଇଯାଏ। ଚାଲିଯାଏ ନୟାଗଡ, ହେଲେ ପୁରୀ ଆସିଲେ ବାନା ପାଇଁ ଗୁଡ଼, ମୁଗ, ଓ ଭଲ ଶାର୍ଟ ଆଣେ। ସେ ଖୁସିରେ ଆତ୍ମହରା ହୁଏ। ସାହିଟା ଯାକ କହିବୁଲେ -ମୋ ସାଙ୍ଗ ବାବୁଲି ମିଶ୍ରେ ମୋ ପାଇଁ ଆଣିଛି, ଏମିତି ସରଳ ବନ୍ଧୁତା ଭିତରେ ମୋ ବାହାଘର ୧୯୮୫ରେ, ଅଭାବ ଭିତରେ ବନ୍ଧୁକୁ କିଛି ଦେଇପାରିବନି ବୋଲି ଆଉ ଆସିଲାନି ବାନା। ପରଦିନ ଶୋଇବା ଜାଗାରୁ ତାକୁ ଉଠାଇ ଆଣିଲି ମୋ ଘରକୁ। ମୋ ଧର୍ମପତ୍ନୀଙ୍କ ଆଗେ ପରିଚୟ ଦେଲି - ୟେ ବାନା, ମୋ ପିଲାଦିନ ସାଙ୍ଗ। ସଙ୍ଗୀତ ନିର୍ଦ୍ଦେଶକ। ବିଚରା ବାନା ତତ୍‌କ୍ଷଣାତ ନୂଆଭାଉଜ ଆଗରେ ପାଟିରେ ବଜାଇଦେଲା ମୃଦଙ୍ଗତାଳ, ଅଥଚ ଆଖିରୁ ବୋହିଯାଉଥିଲା ଲୁହ। ମୋ ସ୍ତ୍ରୀ ବାନାକୁ ଖାଇବାକୁ ଦେଇ କହିଲେ, ସବୁଦିନ ଆସିବ। ୟେ ପୂରା ତୁମ ଘର। ୧୯୮୫ରୁ ୧୯୯୫ ପୂରା ୧୦ବର୍ଷ ଚାକିରି ଜଞ୍ଜାଳ ଭିତରେ ବାନା ସହ ଦେଖା ପ୍ରାୟତ ହୁଏନି। ଆଉ ଯେତେବେଳେ ଦେଖା ହୁଏ ମୋ ଟିଭିକଥା, ମୋ ଗୀତ କଥା ମୋ ନାଟକ କଥା ଆଉ ମୋ ଚାକିରି କଥା ମନେପକାଇ ଉତ୍‌ଫୁଲ୍ଲିତ ହୁଏ ବାନା। କିଛିବର୍ଷ ପରେ ବାନାର ଏକ ପ୍ରକାର ମୁଣ୍ଡଖରାପ ଅନୁଭବ କଲି। ସେ ଏଣିକି ସମସ୍ତଙ୍କୁ ବୋକା ଭଳି ଚାହେଁ, ଖନେଇ ଖନେଇ ଅଳ୍ପ କଥା କହେ। ୨୦୦୪ରେ କଟକ ଡାକ୍ତରଙ୍କୁ ଦେଖାଇଥିଲି ବାନାକୁ। ହେଲେ କିଛି ଲାଭ ହେଲାନି। ବାନାକୁ ଏବେ ୬୪ ଧରିଲାଣି। ଅର୍ଥାଭାବ ଓ ପରିବାରର ସମସ୍ୟାକୁ ନେଇ ସେ ଏକ ପ୍ରକାରର ନୀରବ ପ୍ରାୟ। ହେଲେ ମୋତେ ଦେଖିଲେ ସେ ହସିହସି ଦଉଡି ଆସେ। ମୋତେ ଛାତିରେ ଜାକି ଧରି ଖନେଇ ଖନେଇ କହେ, ବାବୁଲି ମିଶ୍ର ମୋ ସାଙ୍ଗ। ତା'ର ବହୁତ ବହି, ବହୁତ ସିନେମା, ବହୁତ ଗୀତ। ତା' ଝିଅ ଇଂଲଣ୍ଡରେ, ପୁଅ ଦିଲ୍ଲୀରେ। କେଜାଣି ସେ ଏସବୁ କହିବାବେଳେ ମୋର ମନେପଡିଯାଏ ପିଲାଦିନ। ଆଜିର ଛଳନାମୟ ସମାଜରେ ଈର୍ଷା, ପରଶ୍ରୀକାତରତାପୂର୍ଣ୍ଣ କୋଳାହଳରେ, ବାନା ଭଳି ନିର୍ମଳ ବନ୍ଧୁଟିଏ କାହିଁ ? ଅଭାବ ଭିତରେ ମୋ ବାଲ୍ୟବନ୍ଧୁ ବାନା, ଏବେ ପର ଦୁଆର ଓଳାଇ ଓ କାହା ଘରକୁ ପାଣି ବୋହି ପେଟ ପୋଷୁଛି। ଅବିବାହିତ ଜୀବନ କଟାଇ, ସମସ୍ତଙ୍କଠାରୁ ବାରମ୍ବାର ଠୋକର ଖାଉଥିବା ବାନା, କିନ୍ତୁ ଖୁବ୍ ସ୍ୱାଭିମାନୀ। କେବେ ବି ମୋଠାରୁ ଶହେଟଙ୍କା ନେଇନି। ଦେଲେ ହସିଦିଏ। ପାଟିରେ ମୃଦଙ୍ଗ ବଜାଇ କହେ, ବାବୁଲି ମିଶ୍ରେ ମୋ ସାଙ୍ଗ, ଆଉ ମୁଁ ତା' ଠାରୁ ପଇସା ନେବି ?

ସତରେ ବନ୍ଧୁତା ପାରସ୍ପରିକତାର ଏକ ସୂତ୍ର। ଏହା ତିଷ୍ଠି ରହେ ପରସ୍ପରକୁ ନିଃସର୍ତ୍ତ ଭାବେ ଲୋଡିବାରେ। ଗ୍ରହଣଶୀଳତା ବନ୍ଧୁତାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ। ବିଚାରକ ନ ହୋଇ ଶ୍ରଦ୍ଧାବାନ ହେଲେ ବନ୍ଧୁତା ତିଷ୍ଠି ରହେ। ଏହା ଅପରକୁ ବିକଶିତ ଓ ପ୍ରସ୍ଫୁଟିତ ହେବାରେ ସହାୟକ ହୁଏ। ଅପର ସହ ଯୋଡ଼ି ହେବାର ମୂଳ ଖିଅ ହେଉଛି ବନ୍ଧୁତା।

-ରୋଜାଲିନ୍ ମହାନ୍ତି



# ଦୁଃଖର ସାଥୀ







କହିବା ଆଗରୁ ମନ କଥା
ବୁଝିପାରେ ବନ୍ଧୁ। ଆଖିର ଲୁହକୁ
ପୋଛି ଓଠରେ ହସ ଫୁଟାଇପାରେ
ବନ୍ଧୁ। ସେ ହାତରେ ହାତ ମିଶାଇ
ଚାଲିଲେ ଦୁର୍ଗମ ରାସ୍ତା ସୁଗମ
ହୋଇଯାଏ। ପାଖରେ ଠିଆ
ହୋଇଗଲେ ଭୟ ପାଖ ମାଡେନା।
ଦୁଃଖ ସମୟରେ ତ କେବଳ
ତା’ କଥା ହିଁ ମନରେ ଆସେ।
ଆଉ ବେଳେବେଳେ ତା’ ତ୍ୟାଗ
ବଦଳାଇ ଦିଏ ଜୀବନର ଗତିପଥ।
ସେଇଥିପାଇଁ ବୋଧେ ହୃଦୟ ସହ
ହୃଦୟର ଏଇ ସମ୍ପର୍କ ଯୁଗେ ଯୁଗେ
ସ୍ୱତନ୍ତ୍ର ହୋଇ ରହିଆସିଛି..



## ଆମ ବନ୍ଧୁତା କୃଷ୍ଣ ସୁଦାମାଙ୍କ ପରି–ଚନ୍ଦ୍ରଶେଖର ପାଳ

ମୋ ପୁଅ ମତେ ଥରେ ପଚାରିଲା, ‘ବାପା ତୁମ ବେଷ୍ଟଫ୍ରେଣ୍ଡ କିଏ ?’ ମୁଁ କହିଲି– ‘ଅନ୍ତର୍ଯ୍ୟାମୀ ସାହୁ।’ ଏଇ ଉତ୍ତର ଶୁଣି ତା’ ମୁହଁର ହାବଭାବ ବଦଳିଗଲା। ସେ ଆଶ୍ଚର୍ଯ୍ୟ ହୋଇ କହିଲା, ‘ବାପା, ମୁଁ ତ କେବେ ତାଙ୍କୁ ତୁମ ସହ ସାଙ୍ଗ ହେଉଥିବା ଦେଖିନି। ଏମିତି କି ଫୋନ୍‌ରେ କଥା ହେବା ବି ଶୁଣିନି। ତେବେ ସେ କେମିତି ତୁମର ପ୍ରିୟ ସାଙ୍ଗ ହେଲେ ? ଏହା ଶୁଣି ମୁଁ କହିଲି, ‘ଆମ ଦୁହିଁଙ୍କ ବନ୍ଧୁତା କୃଷ୍ଣ ସୁଦାମାଙ୍କ ପରି। ଦୁହେଁ ଦୂରରେ ଥିଲେ ବି ଆମ ଭିତରର ଭଲ ପାଇବା ବେଶ୍ ପବିତ୍ର। ଏଥର ଶୁଣ ମୋର ସେଇ ବନ୍ଧୁଙ୍କ କଥା– ନାଁ ତାଙ୍କର ଅନ୍ତର୍ଯ୍ୟାମୀ। ରୁହନ୍ତି ବେଗୁନିଆରେ। ଆମେ ଯେତେବେଳେ ଗ୍ରାଜୁଏସନ୍ କରୁଥିଲୁ। ସେ ଭୁବନେଶ୍ୱରରେ ରହି କମ୍ପିଟିଟିଭ ପରୀକ୍ଷା ପାଇଁ ପ୍ରିପେୟାର ହେଉଥିଲେ ଓ ଇଣ୍ଟରଭ୍ୟୁ ବି ଦେଉଥିଲେ। ତା’ସହ ଚଳିବା ପାଇଁ ଏଲଆଇସି ଏଜେଣ୍ଟଭାବେ କାମ କରୁଥିଲେ। ଏମିତି ସ୍ଥିତିରେ ତାଙ୍କ ପାଖରେ ଆମେ ୭ ଜଣ ପିଲା ଭିନ୍ନ ଭିନ୍ନ ସ୍ଥାନରୁ ଆସି ତାଙ୍କ ପାଖରେ ରହିଲୁ। ମୁଁ ବାଲେଶ୍ୱରର ଜଳେଶ୍ୱର ଗାଁରୁ ତାଙ୍କ ପାଖକୁ କମ୍ପିଟିଟିଭ ପରୀକ୍ଷା ପାଇଁ ପ୍ରିପେୟାର ହେବାକୁ ଯାଇଥିଲି। ଆମେ ସମସ୍ତେ ଥିଲୁ ଭାରି ଗରିବ। ଆର୍ଥିକସ୍ଥିତି କାହାର ବି ଭଲ ନ ଥିଲା। ଘରେ ଆମକୁ ପଇସା ପଠେଇ ପାରୁ ନ ଥିଲେ ଚଳିବା ପାଇଁ। ଆମେ ଟ୍ୟୁଶନ କରି ଚଳିବାକୁ ଚେଷ୍ଟା କରୁଥିଲୁ। ହେଲେ ଟ୍ୟୁଶନ କାହାକୁ ମିଳୁ ଥିଲା ତ କାହାକୁ ମିଳୁ ନ ଥିଲା। ଆମ ଭିତରେ କେବଳ ଅନ୍ତର୍ଯ୍ୟାମୀ ଭାଇ ହିଁ ସ୍ୱଳ୍ପ ରୋଜଗାର କରୁଥିଲେ। ତାଙ୍କ ନାଁ ଯେମିତି ସେ ବି ଥିଲେ ଠିକ୍ ସେମିତି। ଅନ୍ୟର ମନ କଥା ବୁଝିବାର ଶକ୍ତି ତାଙ୍କ ଭିତରେ ଭରି ରହିଥିଲା। ଆମ ସମସ୍ତଙ୍କର ଦୁଃଖକଷ୍ଟ ଦେଖି ସେ ଆମ ସମସ୍ତଙ୍କର ଖର୍ଚ୍ଚ ନିଜେ ବହନ କରୁଥିଲେ। ସେ କେବେ ବି ନିଜ ପଇସାକୁ ନିଜ ପଇସା ଭାବୁ ନ ଥିଲେ। ଆମର ଅଭାବ ପୂରଣ କରିବାରେ ସେ ନିଜର ସବୁ ରୋଜଗାରକୁ ଖର୍ଚ୍ଚ କରିଦେଉଥିଲେ, ସେ ପୁଣି ନିଃସ୍ୱାର୍ଥପର ଭାବେ। ଆମକୁ ଲାଗୁଥିଲା ସତେ ଯେମିତି ସେ ଆମର କୃଷ୍ଣ। ଆଉ ଆମେ ସମସ୍ତେ ଦରିଦ୍ର ସୁଦାମା। ଅନ୍ତର୍ଯ୍ୟାମୀ ଭାଇ ବି ନ ଥିଲେ ଅପାର ଧନର ଅଧିକାରୀ। କିନ୍ତୁ ତାଙ୍କ ମନ ଥିଲା ବଡ଼। ଆଉ ସେଇ ମନ ଅନ୍ୟର ମନକୁ ଚିହ୍ନିପାରୁଥିଲା। ୧୯୯୯ ମସିହା ମହାବାତ୍ୟା ସମୟର କଥା। ଆମେ ସମସ୍ତେ ତାଙ୍କ ପାଖରେ ଥିଲୁ। କାହା ପାଖରେ ପଇସା ନ ଥିଲା କି ପରିବା, ଚାଉଳ ବି ନ ଥିଲା। ଏମିତି ପରିସ୍ଥିତିରେ ଅନ୍ତର୍ଯ୍ୟାମୀ ଭାଇଙ୍କ ପାଖରେ ଯାହା ଥିଲା ସେ ଖର୍ଚ୍ଚ କରି ଆମ ସମସ୍ତଙ୍କୁ ଖାଇବାକୁ ଦେଇଥିଲେ। ପାଖାପାଖି ୧୨ ଦିନ ସେ ଆମ ସମସ୍ତଙ୍କ ପାଇଁ ଡାଲି ଚାଉଳ ପରିବା ଆଣି ଆମକୁ ଖାଇବାକୁ ଦେଇଥିଲେ। କାହା ପାଖରୁ ଟଙ୍କାଏ ବି ନେଇ ନ ଥିଲେ। ତାଙ୍କର ସେଇ ତ୍ୟାଗ ଓ ବଡ଼ିମାକୁ ଆମେ ଜୀବନରେ କେବେ ଭୁଲିପାରିବୁ ନାହିଁ। ତାଙ୍କରି ପାଖରେ ରହି ପାଠପଢ଼ି ଆମେ ସମସ୍ତେ ଏବେ ଭଲ ଭଲ ଚାକିରି କରିପାରିଛୁ। ହେଲେ ସେ ଯେଉଁ ସ୍ଥିତିରେ ଥିଲେ ସେଇଭଳି ଅଛନ୍ତି। ଏଲଆଇସି ଏଜେଣ୍ଟ ସହ ଆଇଟିଆର୍ ଫାଇଲ କରିବା କାମ କରି ନିଜ ସଂସାରକୁ ବହୁ କଷ୍ଟରେ ଚଳାଉଛନ୍ତି। ଆମେ କେବେ ସାହାଯ୍ୟ କରିବାକୁ ଚାହିଁଲେ ବି ସେ କେବେ ଗ୍ରହଣ କରନ୍ତି ନାହିଁ। ତେଣୁ ଭଗବାନଙ୍କ ପାଖରେ ଆମେ ପ୍ରାର୍ଥନା କରୁ କେମିତି ତାଙ୍କ ଭାଗ୍ୟ ବଦଳିଯାଉ। ଆଉ ସେ ସବୁ ସୁଖର ଅଧିକାରୀ ହୋଇପାରନ୍ତୁ।’ ମୋ ପୁଅ ପୁଣି କହିଲା– ଯଦି ସିଏ ତୁମ ପ୍ରିୟବନ୍ଧୁ ତା’ହେଲେ ତମେ ବି ତାଙ୍କର ପ୍ରିୟବନ୍ଧୁ ହୋଇଥିବ। ମୁଁ କହିଲି, ‘‘ମୁଁ ଜାଣିନି। ତାଙ୍କର ଅନ୍ୟ କେହି ପ୍ରିୟ ବନ୍ଧୁ ହୋଇଥାଇପାରନ୍ତି। ବନ୍ଧୁତାରେ ଜରୁରୀ ନୁହେଁ କି ତମେ ଯାହାକୁ

→





ଚନ୍ଦ୍ରଶେଖର ପାଳ-ଅନ୍ତର୍ଯ୍ୟାମୀ ସାହୁ



ପ୍ରଶାନ୍ତ ପ୍ରଧାନ- କପିଳେଶ୍ୱର ପାତ୍ର



ବିପିନବିହାରୀ ବାହିନୀପତି-ଚନ୍ଦ୍ରଶେଖର କର

ହୃଦୟରେ ସ୍ଥାନ ଦେଇଛ ସେ ବି ତୁମକୁ ପ୍ରିୟ ବନ୍ଧୁ ଭାବିବ। ମୁଁ ତାଙ୍କ ପାଖରୁ ଅନେକ କିଛି ଶିଖିଛି। ନିଃସ୍ୱାର୍ଥ ସ୍ନେହ ପାଇଛି। ସେ ଥିଲେ ଆମ ଦୁଃଖର ସାଥୀ। ତାଙ୍କ ପାଖରେ ମୁଁ ଆଜୀବନ ଋଣୀ। ତେଣୁ ତାଙ୍କୁ ମୁଁ ମୋ ପ୍ରିୟ ଓ ପ୍ରକୃତ ବନ୍ଧୁ ବୋଲି ଭାବେ।'' ମୋ ପୁଅ କୌତୁହଳବଶତଃ କହିଲା- 'ଆଉ ଅନ୍ୟଯେଉଁ ସାଙ୍ଗମାନଙ୍କ ସହ ତମେ ଏତେ ମିଶ ସେମାନେ କ'ଣ ତୁମ ପ୍ରିୟ ବନ୍ଧୁ ନୁହନ୍ତି ?' ମୁଁ କହିଲି, 'ହଁ ମୋର ଅନେକ ବନ୍ଧୁ ଅଛନ୍ତି। ହେଲେ ଅନ୍ତର୍ଯ୍ୟାମୀଙ୍କ ସ୍ଥାନ ଆଉ କେହି ନେଇପାରିବେ ନାହିଁ। ସେ ମୋର ପ୍ରିୟ ବନ୍ଧୁ ଥିଲେ। ଆଉ ସବୁବେଳେ ରହିବେ।'

### ତା' ସ୍ୱପ୍ନ ସାକାର କରିବା ଏବେ ମୋ' ସ୍ୱପ୍ନ-କପିଳେଶ୍ୱର ପାତ୍ର

କଲେଜରେ ପଢ଼ିବାବେଳେ କଳାକାର ହେବାର ସ୍ୱପ୍ନ ଥିଲା। ଗାଁରେ ଡିଭିଡି ପକାଇ ଫିଲ୍ମ ଦେଖିଲାବେଳେ ମନ କହୁଥିଲା ମୁଁ ବି ବଡପରଦାରେ ଆସିବି। ହେଲେ କଳାକାରର ମନ କଥା ବୁଝିବା ଭଳି ସାଙ୍ଗ ମୁଁ ଛୋଟବେଳୁ ପାଇ ନ ଥିଲି। ତେବେ ଦିନେ କଲେଜରେ ଏକ ପ୍ରତିଯୋଗିତାରେ ପ୍ରଶାନ୍ତ ପ୍ରଧାନ ନାମକ ପିଲା ସହ ଦେଖା ହେଲା। ସେ ୱାନ୍ ଆକ୍ଟ ପ୍ଲେ କରୁଥିଲେ। ଆଉ ମୁଁ ବି। ସେ ମୋଠୁ ବର୍ଷେ ବଡ଼ ଥିଲେ। ସେଦିନ ସେ ବହୁତ ଭଲ ଅଭିନୟ କରିଥିଲେ। ତେଣୁ ପ୍ରତିଯୋଗିତାରେ ଆମେ ଦୁହେଁ ଯୁଗ୍ମ ଭାବେ ପ୍ରଥମ ହୋଇଥିଲୁ। ଏହାପରଠାରୁ ଆମର ବନ୍ଧୁତା ଆରମ୍ଭ ହୋଇଥିଲା। ମୋ ଘର କଣ୍ଟିଲୋ ଗୋପୀନାଥ ପୁରରେ ଆଉ ତା' ଘର ୩-୪ କି.ମି. ଦୂର ଘଣାଶାଳିଆରେ। କଲେଜକୁ ଆମେ କାନ୍ଧରେ ହାତ ପକେଇ ଆସୁଥିଲୁ। ବାଇକ୍‌ରେ ଦୁହେଁ ଚଷମା ପିନ୍ଧି ବୁଲୁଥିଲୁ। ଆମକୁ ଦେଖି ଅନ୍ୟମାନେ ଈର୍ଷା କରିବା ଆରମ୍ଭ କରିଦେଇଥିଲେ। ଦୁହିଁଙ୍କ ପରିବାରରେ ବି ଆମକୁ ପୁଅ ଭଳି ସ୍ନେହ କରୁଥିଲେ। ଏକାଠି ବସି ଖାଇବା, ବୁଲିବା ସବୁ ଚାଲିଥିଲା। ଦିନସାରା ଆମେ ମୁକ୍ତ ଚଢ଼େଇ ପରି ଘୂରି ବୁଲୁଥିଲୁ। ଖାଲି ଯାହା ରାତିରେ ନିଜ ନିଜ ଘରକୁ ଯାଉଥିଲୁ। ଥରେ ଆମେ କଲେଜ ୱାଇଆରସି କ୍ୟାମ୍ପରେ ହରିୟାନା ଯାଇଥିଲୁ। ସେଠି ଆମ ଆଖି ଆଗରେ ଘଟିଥିବା ଏକ ଦୁର୍ଘଟଣାରେ ଆମେ ଆହତଙ୍କୁ ସାହାଯ୍ୟ କରିଥିଲୁ। ସେଥିପାଇଁ ସେଠି ଆମକୁ ସମ୍ମାନିତ କରାଯାଇଥିଲା। ସେଇ ଘଟଣା ପରଠାରୁ ଆମର ସମାଜସେବା ମନୋଭାବ ବଢିଥିଲା। ଆଉ ଆମ ଅଞ୍ଚଳରେ ସମାଜସେବା କରିବା ଆରମ୍ଭ କରିଥିଲୁ। କଲେଜ ପାଖରେ ଏକ ଗାର୍ଲସ୍ ହଷ୍ଟେଲ, ଯାହା ପରିତ୍ୟକ୍ତ ହୋଇପଡିଥିଲା। ସେଠି ଆମେ ୩-୪ ଜଣ ସାଙ୍ଗ ମିଶି ଏକ ସମାଜସେବା ସଂଘ ଗଢ଼ିଲୁ। ଆଉ ଗାଁ ଗାଁ ବୁଲି ଲୋକଙ୍କୁ ସାହାଯ୍ୟ କରିବା ସହ ବନ୍ଧୁ ବି ଗଢ଼ିଲୁ। ପରେ ଆମ ସହ ଆହୁରି କେତେଜଣ ଯୋଗ ଦେଇଥିଲେ। ପ୍ରଶାନ୍ତର ବ୍ୟକ୍ତିତ୍ୱ ଏମିତି ଥିଲା ଯେ, ସେ କମ୍ ସମୟରେ ଅନେକଙ୍କ ସହ ବନ୍ଧୁତା କରିପାରୁଥିଲା। ଅନେକଙ୍କ ମନ ଜିଣିପାରୁଥିଲା। ଆଉ ଅନ୍ୟର କଷ୍ଟ ଦେଖିଲେ ତ ସେ ଯେମିତି ବି ହେଉ ତା'ର କଷ୍ଟ ଦୂର କରିବାକୁ ଚେଷ୍ଟା କରୁଥିଲା। ସମସ୍ତଙ୍କର ସେ ପ୍ରିୟ ଦିଲୁ ଭାଇ ଥିଲା। ଆମେ ତା'ସହ ଯୋଗ ଦେଇ ସମାଜସେବା କରୁଥିଲୁ। କେବଳ ସେତିକି ନୁହେଁ ଯେତେବେଳେ ଆମ ଦୁହିଁଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିଲା ଆମେ ଦୁହେଁ ଭୁବନେଶ୍ୱର ଯାଇ ଏକ ମେଡିସିନ ଫାର୍ମରେ ସାଥୀ ହୋଇ ମେଡିସିନ୍ ପେଟି ବୋହି ସଜାଡି ରଖିବା କାମ ବି କରିଛୁ। ସେତେବେଳେ ଆମେ ସବୁଦିନ ସକାଳୁ ସାଇକେଲରେ ଚା' ପିଇବାକୁ ଯାଉଥିଲୁ। ଆଉ ଚା' ପିଇବାବେଳେ ସେ ଗାଉଥିଲା 'ଜୀବନ ତ କପେ ଚାହା, କେବେ ଉହୁ କେବେ ଆହା'। ଆମ ପାଖରେ ପଇସା ନ ଥିଲା ସତ, ହେଲେ ସ୍ୱପ୍ନ ବଡ଼ ଥିଲା। ଏଇ ସମୟରେ ସେ ଓଟିଭିର 'ମୁଁ ବି ହେବି ନେତା'ରେ ଭାଗ ନେଇ ଫାଇନାଲ ପର୍ଯ୍ୟନ୍ତ ଯାଇ ପାଠପଢ଼ା କମ୍ପ୍ଲିଟ୍ କରିବା ପାଇଁ ନିଜେ ଓହରିଯାଇଥିଲା। ଗାଁ ଲୋକେ ଏଥିରେ ବହୁତ ଗର୍ବ ଅନୁଭବ କରିଥିଲେ। ତାକୁ ବହୁତ ଭଲ ପାଉଥିଲେ। ଆମର ସମାଜସେବା କାମ କେବେ ବନ୍ଦ ହୋଇ ନ ଥିଲା। ଆମେ ଦୁଃଖୀରଙ୍କି, ଅଭାବ ଅସୁବିଧାରେ ଥିବା ଦେଖିଲେ ତାଙ୍କର ଭିଡିଓ ବି କରୁଥିଲୁ। ଏଥିପାଇଁ ଏକ ମାଇକ୍ରୋଫୋନ୍ କିଣିଥିଲୁ। ପ୍ରଶାନ୍ତ କ୍ୟାମେରାମ୍ୟାନ ସାଜୁଥିଲା ଓ ମୁଁ ଜର୍ନାଲିଷ୍ଟ ପାଲଟି ମାଇକ୍ରୋଫୋନ୍ ଧରି ସେହି ଲୋକଙ୍କ ଜୀବନର କଷ୍ଟକୁ ବଖାଣୁଥିଲି। ପ୍ରଶାନ୍ତ ମୋର ଡାଇରେକ୍ଟର ବି ଥିଲା। ମୁଁ କେମିତି କହିବି ମତେ ନିର୍ଦ୍ଦେଶ ଦେଉଥିଲା। ଆଉ ସେହି ଭିଡିଓକୁ ଆମେ ଫେସ୍‌ବୁକ୍‌ରେ 'ଜନତା ଟିଭି' ନାଁରେ ଅପ୍‌ଲୋଡ କରୁଥିଲୁ। ଗାଁରେ ସମସ୍ତେ ଆମ କାମକୁ ନେଇ ବହୁତ ଖୁସି ହେବା ସହ ଗର୍ବ ଅନୁଭବ କରୁଥିଲେ। ହେଲେ ଭଗବାନ ବି ବୋଧେ ତାକୁ ଅଧିକ ଭଲ ପାଉଥିଲେ। ଆମେ +୩ ଶେଷବର୍ଷରେ ପଢିବାବେଳେ ଦିନେ ସେ ଏକ ଦୁର୍ଘଟଣାର ଶିକାର ହେଲା। ବ୍ରିଜ ତଳକୁ ଖସି ଯାଇ ସମସ୍ତଙ୍କୁ ଛାଡି ଆରପାରିକୁ ଚାଲିଗଲା। ତା'ର ଦୁର୍ଘଟଣା ସମୟରେ ମୁଁ ଗାଁରେ ଦୁର୍ଘଟଣା ଜନିତ ସତର୍କତାକୁ ନେଇ ଲୋକଙ୍କ ମଧ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ କରୁଥିଲି। ଯେତେବେଳେ ଏଇ ଖବର ବ୍ୟାପିଲା ସବୁଆଡେ ଦୁଃଖର ପରିବେଶ ଛାଇଗଲା। ସମସ୍ତଙ୍କ ଆଖିରେ ଥିଲା ଲୁହ। ତା'ର ଦଶାହ ଦିନ ଥିଲା ଯୁକ୍ତ ୩ର ଫାଇନାଲ ପରୀକ୍ଷା। ସେ ଥିଲେ ମୋ ପାଖରେ ବସି ପରୀକ୍ଷା ଦେଇଥାନ୍ତା। ହେଲେ ସେ ନ ଥିଲା।



କଲେଜରେ ତା' ଫଟୋରେ ଫୁଲମାଳ ଚଢାଯାଇଥିଲା। ସାରା କଲେଜ ଏଇ ଘଟଣାରେ ସ୍ତବ୍ଧ ହୋଇଯାଇଥିଲା। ଆମ କଲେଜ ବି ଆଜି ପର୍ଯ୍ୟନ୍ତ ତାକୁ ଭୁଲି ପାରିନି। ଆଉ ତା'ନାଁରେ ପ୍ରଶାନ୍ତ ମେମୋରିଆଲ ନାମକ ଏକ ଆୱାର୍ଡ କଲେଜ ଟପ୍ପରଙ୍କୁ ଏବେବି ଦିଆଯାଉଛି। ଖାଲି ସେତିକି ନୁହେଁ ତା'ର ଫଟୋ କଲେଜ କାନ୍ଥରେ ପୂଜା ପାଉଛି। ସେ ଯିବା ପରେ ତ ମୋ ଦୁନିଆ ବଦଳିଗଲା। ମୁଁ ପୂରା ଏକା ହୋଇଗଲି। ଆଜି ପର୍ଯ୍ୟନ୍ତ ତାକୁ ମୁଁ ଭୁଲି ପାରିନି। ସବୁବେଳେ ଲାଗେ ସେ ମୋ ପାଖରେ ଅଛି। ମତେ ବାଟ କଢ଼େଇ ଆଗକୁ ନେଉଛି। ସେଇଥିପାଇଁ ତ ଆଜି ବି ମୁଁ ସମାଜସେବା ଜାରି ରଖିଛି। ଆଉ ଯାହା ବି କାମ କରୁଛି ସବୁଥିରେ ସେ ସାମିଲ ରହୁଛି। ତା' ପାଇଁ ମୁଁ ପ୍ରଶାନ୍ତ ମେମୋରିଆଲ ସଂଘ ଗଠନ କରିଛି। ପ୍ରଶାନ୍ତ ମେମୋରିଆଲ କଲ୍‌ଚୁରାଲ ପ୍ରୋଗ୍ରାମ କରିବା ସହ ରକ୍ତଦାନ ଶିବିରର ଆୟୋଜନ କରୁଛି। ଆଉ ସବୁଠି ତା'ର ଫଟୋ ରଖି ହିଁ ମୁଁ କାମ କରିଥାଏ। ହେଲେ ପୂର୍ବରୁ ଅଭାବ ଅସୁବିଧାରେ ଥିବା ଲୋକଙ୍କ ପାଇଁ କରୁଥିବା ଭିଡିଓ ଏବେ ମୁଁ ଆଉ କରୁନି। ସେ ମାଇକ୍ରୋଫୋନ୍ ଅଲୋଡ଼ା ହୋଇ ପଡ଼ି ରହିଛି। କାରଣ ମୋ କ୍ୟାମେରାମ୍ୟାନ ଆଉ ମୋ ସହ ନାହିଁ। ଆମେ ଦୁହେଁ ସାଥୀ ହୋଇ ଅନେକ କିଛି କରିବାକୁ ଚାହୁଁଥିଲୁ। ପ୍ରତିଦିନ ଅନେକ ସାଙ୍ଗ କରିବା ସହ ସମାଜସେବା କରିବା ଆମର ସ୍ୱପ୍ନ ଥିଲା। ହେଲେ ସେ ଚାଲିଯିବା ପରେ ଏବେ ମୁଁ ଏକା ତା' ସ୍ୱପ୍ନକୁ ପୂରଣ କରିବା ଲାଗି ପ୍ରୟାସ ଜାରି ରଖିଛି।

### ତା' ପାଖରେ ରହି ପଢିଲି, ଚାକିରି ବି କଲି-ବିପିନବିହାରୀ ବାହିନୀପତି

ଆମ ବନ୍ଧୁତା ଦୀର୍ଘ ୪୩ ବର୍ଷର। ମୋ ଘର ପୁରୀ, କଣାସ ବ୍ଲକର ଗଡ ବଡ଼ପୁଟ। ଆଉ ବନ୍ଧୁ ଚନ୍ଦ୍ରଶେଖର କରଙ୍କ ଘର କୁହୁଡି, ରତନପୁରରେ। ୧୯୭୯ ମସିହା, କଲେଜରେ ପଢିବାବେଳେ ଚନ୍ଦ୍ର ସହ ମୋର ବନ୍ଧୁତା ଆରମ୍ଭ ହୋଇଥିଲା। ପରେ ଖୋର୍ଦ୍ଧା ପିଏନ୍ କଲେଜ୍‌ରେ ଆମେ ବିଏ ପଢିଲୁ। ତା'ପରେ ବି.ଇଡି. ବି କଲୁ। ଖୋର୍ଦ୍ଧାରେ ଆମେ ଏକ ଘର ଭଡ଼ା ନେଇ ରହୁଥିଲୁ। ପଢ଼ିବା ସହ ଚନ୍ଦ୍ର ଟ୍ୟୁଶନ କରୁଥିଲା। ସେଇ ରୋଜଗାରରେ ସେ ଘରଭଡାଠୁ ଆରମ୍ଭ କରି ଅନ୍ୟ ଖର୍ଚ୍ଚ ବହନ କରୁଥିଲା। ମୋ ବାପା ଚାଷୀ। ଘରେ ବେଶି କିଛି ଟଙ୍କା ପଠେଇପାରୁ ନ ଥିଲେ। ତେଣୁ ଅଧିକାଂଶ ଖର୍ଚ୍ଚ ସେ ହିଁ ବହନ କରୁଥିଲା। ଚନ୍ଦ୍ର ବି କୌଣସି ଧନୀକ ପରିବାରର ନ ଥିଲା। ତା' ବାପା ଟ୍ୟୁଶନ କରୁଥିଲେ। ତେଣୁ ତା' ଘରୁ ବି ବିଶେଷ କିଛି ଟଙ୍କା ପଠେଇ ପାରୁ ନ ଥିଲେ। ସେ ନିଜେ ରୋଜଗାର କରି ଆମ ଖର୍ଚ୍ଚ ବହନ କରୁଥିଲା। ପରେ ଏମ୍‌ଏ ଆମେ ବାଣୀବିହାରରେ କଲୁ। ଏଇ ସମୟରେ ସେ ରତନପୁରର ଏକ ରାଇସ୍ ମିଲ୍‌ରେ ଚାକିରି କରୁଥିଲା। ଆଉ ଏକ ଘରଭଡା ନେଇ ପରିବାର ସହ ସେଠି ରହୁଥିଲେ। ଚନ୍ଦ୍ର ତାଙ୍କର ସେଇ ଘରକୁ ମତେ ଡାକିଥିଲା ତାଙ୍କ ପାଖରେ ରହି ପଢିବାକୁ। ମୁଁ ଯାଇ ତାଙ୍କ ଘରେ ପରିବାରର ସଦସ୍ୟ ଭଳି ରହିଲି। ଆମେ ଦୁହେଁ ମିଶିକି ପଢୁଥିଲୁ। ଘର ଖର୍ଚ୍ଚ ସହ ମୋ ପଢା ଖର୍ଚ୍ଚ ବି ସେ ସମ୍ପୂର୍ଣ୍ଣ ବହନ କରୁଥିଲେ। ଏମିତି କି ଆମେ ବିଭିନ୍ନ ଜାଗାକୁ ଚାକିରି ପାଇଁ ଇଣ୍ଟରଭ୍ୟୁ ଦେବାକୁ ମିଶିକି ଯାଉଥିଲୁ। ସେତେବେଳେ ଯିବା ଆସିବା ଖର୍ଚ୍ଚ ସହ, ଖାଇବା ପିଇବା, ଚାକିରି ପାଇଁ ଫର୍ମ ଫିଲ୍‌ଅପ୍ କରିବା ଆଦି ସବୁ ଖର୍ଚ୍ଚ ଚନ୍ଦ୍ର ହିଁ ବହନ କରୁଥିଲା। ଏମିତିରେ ଆମ ପଢ଼ା ସରିଥିଲା। ପରେ ସେ ଏକ ପ୍ରାଇଭେଟ୍ ସ୍କୁଲରେ ଶିକ୍ଷକତା କଲେ। ଆଉ ମତେ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚାକିରି ମିଳିଲା। ଏବେ ମୁଁ ପ୍ରାଇମେରୀ ସ୍କୁଲ ହେଡ୍‌ମାଷ୍ଟର। ଆଉ ସେ ଗାଁ ପାଖ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ। ଦୁହେଁ ଆଜି ଆର୍ଥିକଭାବେ ସ୍ୱଚ୍ଛଳ। ତେବେ ମୁଁ କେବେ ବି ଭୁଲି ପାରିବିନି ତା'ର ସେଇ ନିଃସ୍ୱାର୍ଥପର ସାହାଯ୍ୟ। ତା'ରି ପାଇଁ ମୁଁ ପଢିଲି, ଚାକିରି ବି କଲି। କିନ୍ତୁ ପ୍ରତିବଦଳରେ ମୁଁ ତା' ପାଇଁ ବିଶେଷ କିଛି କରିପାରିନି। ଖାଲି ଯାହା ସୁଖରେ ଦୁଃଖରେ ତା' ସହ ଠିଆ ହୋଇଛି। ସେ ମଧ୍ୟ ମୋଠୁ କେବେ କିଛି ପାଇବାର ଆଶା ରଖି ନାହାନ୍ତି। ଏଇ ନିଃସ୍ୱାର୍ଥଭରା ସମ୍ପର୍କ ପାଇଁ ହିଁ ଆମର ବନ୍ଧୁତା ଆଜିଯାଏ ବଜାୟ ରହିଛି।

ସତରେ ବନ୍ଧୁତାର ସମ୍ପର୍କ ସବୁଠୁ ନିଆରା। ଏଥିରେ ନ ଥାଏ ଲାଭ କ୍ଷତିର ହିସାବ। ଥାଏ କେବଳ ନିଃସ୍ୱାର୍ଥ ଭଲ ପାଇବା।

-ଶିବାନୀ ମହାନ୍ତି



# ଆସ

–ଶ୍ରୁତକୀର୍ତ୍ତି ତ୍ରିପାଠୀ



**ଶ**ପଥ ନେବା ଆସ...
ବୁଝିପାରିବା ଦୁହେଁ ଦୁହିଁଙ୍କର ସବୁ
ଅବ୍ୟକ୍ତ ଶବ୍ଦ
ମୁହଁ ଖୋଲି ଅଭିବ୍ୟକ୍ତି ଯେଉଁଠି
ଆଦୌ ଲୋଡ଼ା ପଡିବ ନାହିଁ
ଆମ ଦୁହିଁଙ୍କ ଭିତରେ.... ।

ଶପଥ ନେବା ଆସ....
ପ୍ରତାରଣା ଛଳନା ଅବିଶ୍ୱାସକୁ
ଏଡି ଦେଇ ବାନ୍ଧି ହେବା
କେବଳ ବିଶ୍ୱାସର ଡୋରୀରେ
ଅତିକ୍ରମି ଯିବା
ଜୀବନର ତମାମ ପଥ ।

ଶପଥ ନେବା ଆସ....
ଯେବେ ସାରା ଦୁନିଆ
ସାଜିଥିବ ବଇରୀ
ଲୋଡ଼ିବା ଦୁହେଁ ଦୁହିଁଙ୍କୁ
ସେହି ମୁହୂର୍ତ୍ତ ସବୁ
ଧରି ଆଞ୍ଜୁଳାଏ ଭଲ ପାଇବା
ଆଉ ମୁଠାଏ ବିଶ୍ୱାସ ।

–ଭୁବନେଶ୍ୱର
*ମୋ: ୬୩୭୦୫୧୬୪୭୮*



# ଇନ୍ଦ୍ରଧନୁର ସେତୁ

–ଲକ୍ଷ୍ମଣ କୁମାର

**କେ**ବେ କେବେ ମନର ଆକାଶରେ ଖେଳିବୁଲିଛି ମେଘ ଓ ଝରିଚି ଜୀବନର ମାଟି ଉପରେ ଅବାରିତ! ଅବିଶ୍ରାନ୍ତ! ମୁଁ ଝର୍କା ଖୋଲିଛି ଓ ଚାହିଁ ରହିଛି ଦୂରକୁ, ଦୂରନ୍ତ ଦିଗ୍‌ବଳୟକୁ– ଫି' ବର୍ଷ ଏମିତି ବର୍ଷା ଆସିଲେ।

ମୋ' ଅଜାଣତରେ ଯେବେ ଗୋଟେ ଦୂରରୁ ବହିଆସିଛି ଶୀତଳ ହାଓ୍ୱା ଓ ଛୁଇଁଚି ମୋତେ, କହିଛି– ହେ ଝର୍କା ଖୋଲ, ମୁଁ ଆସିଛି, ଲିଭେଇଦେବି ତୁମ ଭିତରର ସବୁ ଆଗ୍ନେୟ ଉପତ୍ୟକା। ମୁଁ ଖୋଲିଚି ମୋ' ଛାତିର ଝର୍କା ତ ସେ ପଶିଯାଇଚି ମୋ' ସତ୍ତା ସର୍ବାଂଗରେ। ଚାହିଁ ଦେଖିଚି ମନର ଆକାଶକୁ ତ ମନଲୋଭା ଇନ୍ଦ୍ରଧନୁଟିଏ ଯୋଡ଼ିଚି ଦୂର ଦିଗନ୍ତ।

ହେ... ସେ କେତେ ଦୂରରେ ଓ ମୁଁ ଏଇଠି ଛିଡ଼ା ହୋଇଚି ନିର୍ବିକଳ୍ପ ଗୋଟେ ଅସୀମ ଦିଗନ୍ତ। ଆମ ଦୁହିଁଙ୍କ ମନର ଆକାଶରେ ଫିଟିପଡ଼ିଛି ଏଇ ଅନୁପମ ଇନ୍ଦ୍ରଧନୁ। ତା' ହୃଦୟରୁ ମୋ' ହୃଦୟକୁ ଯୋଡ଼ିଥିବା ଏଇ ଇନ୍ଦ୍ରଧନୁର ସେତୁ ଶତ ସହସ୍ର ପୁଲକିତ ଶିହରଣରେ ଭରିଦେଇଚି ସବୁ ଶୂନ୍ୟସ୍ଥାନ। ସେ ନିରବଧି ସଙ୍ଗୀତ ପାଲଟିଯାଇଛି ତ ମୁଁ ଶୁଣିଛି ସେଇ ସଙ୍ଗୀତ ଅମାପ ତନ୍ମୟତାରେ।

ମୁଁ ଆଖି ବୁଜି ଦେଇଚି ଗଭୀର ତୃପ୍ତିରେ।

ସେ କହିଛି: ଆଖି ଖୋଲ।

ମୁଁ କହିଛି: ନା ।

: କାହିଁକି ? ସେ ପଚାରିଛି।

: ମୁଁ ଅନ୍ଧ ହେଇଯିବାକୁ ଚାହେଁ ବରଂ।

: କାରଣ ?

: କାରଣ ମୁଁ ଅନ୍ଧ ହୋଇ ଶୁଣୁଥିବି ତୁମ ଗୀତ .......।

ସେ ଖିଲି ଖିଲି ହୋଇ ହସି ଉଠିଛି। ତା' ହସରେ ଝରିପଡ଼ିଛି ମହଣ ମହଣ ମଲ୍ଲୀଫୁଲ। ତ ମୁଁ ସାଉଁଟିଛି ସେ ସବୁ ଓ ଭର୍ତ୍ତି କରିଛି ମୋ' ଛାତି ପକେଟରେ।

:ଏଣିକି ତୁମେ ଗୋଟେ ଝରଣା ହୁଅ ଓ ଝରିଯାଅ ମୋ' ପାହାଡ଼ି ଛାତିରେ।

: ତା' ପରେ ?

: ତା' ପରେ ଝରଣାରୁ ହୁଅ ଗୋଟେ ନଈ ଓ ମୁଁ ହେବି ଗୋଟେ ସବୁଜ ଉପତ୍ୟକା ଏବଂ ମୁହାଣ ପାଖରେ ମୁଁ ହେବି ସମୁଦ୍ର।

:ଦୁଷ୍ଟ ! ସେ କହିଛି। ତ ମୁଁ ହସିଉଠିଛି ହୋ ହୋ ହୋଇ। ମୋ' ହସ ତା' ପାଇଁ ସମୁଦ୍ରର ଉଚ୍ଛ୍ୱାସ ତ ତା' ହସ ମୋ' ପାଇଁ ଗୋଟେ ସମର୍ପିତା ନଈର କୁଳୁ କୁଳୁ ସଙ୍ଗୀତ।

: ଆସ, ଆମେ ତିଆରିବା ଏବେ ଆମ ସ୍ୱପ୍ନର ଘର। ସେ ପ୍ରସ୍ତାବ ଦେଲା।

: ଲିଟ୍‌ଲ୍ ସୁଇଟ୍– କେଉଁଠି ତିଆରିବା ଆମ ସ୍ୱପ୍ନର ଘର ? ମୁଁ ପଚାରିଲି, ଯେତେବେଳେ ଆମେ ଦୁହେଁ ପରସ୍ପରର ହାତଧରି ବାଟ ଚାଲୁଥିଲୁ ଇନ୍ଦ୍ରଧନୁର ସେତୁରେ। ପ୍ରେମର ଇନ୍ଦ୍ରଧନୁରେ ଶାଶ୍ୱତ ସମ୍ପର୍କର ଛାୟାପଥ ଆଡ଼କୁ ଆମର ଯାତ୍ରା।

: ଚୋର ! ମଧୁର ସ୍ୱରରେ ସେ ମୋତେ କହିଲା: ତୁମେ ଜାଣିନ କି କେଉଁଠି ହେବ ଘର ଆମର ?

ସେତେବେଳେ ଛାୟାପଥ ପାର୍ଶ୍ୱରେ ମୁଁ ଦେଖିପାରୁଥିଲି ତାହାର ଆଲୁଅରେ ଉଜ୍ଜ୍ୱଳି ଉଠୁଥିବା ନକ୍ଷତ୍ରୋପମ ଘର ଆମର !

*–ଦିଗ୍‌ବଳୟ, ଲେଣ୍ଡା, ବରପାଲି, ବରଗଡ଼*
*ମୋ: ୯୪୩୯୦୪୦୯୩୭*



# ମହନୀ

–ଶୁଭଶ୍ରୀ ମହାରଣା

**ଯେ**ବେଠୁ ମୋର
ଯାବତୀୟ ଯନ୍ତ୍ରଣାକୁ ମହନୀ କରି
ତୁମେ ସଯତ୍ନେ ପିନ୍ଧାଇ ଦେଇଛ ଓଠରେ
ସେବେଠୁ ଦାଉ ଦାଉ ଦିଶୁଥିବା ମୋ' କ୍ଷତର
ଚିହ୍ନ ଗୁଡ଼ିକ ମଳିନ,
ସେ ଚିହ୍ନ ସବୁ
କେତେ କେତେ ଲୁହର
ପୁଣି କେତେ ଛାତିତଳ କୋହର।

ମୋର କ୍ଷତାକ୍ତ ଅତୀତକୁ
ତୁମେ ସାଉଁଟି ନେଲ
ଛାତିରେ ତୋଳି ଧରିଲ
ପୁଣି କହିଲ,
ତୁମର ଅତୀତରେ ମୋର କ'ଣ ଅଛି ?
ମୁଁ ତ ଅନାୟାସେ ତୁମକୁ ନିଜର କରିଛି
ସ୍ପନ୍ଦନେ ବସାଇଛି
ଲୁହକୁ ନୁହେଁ କୋହକୁ ଚିହ୍ନିବା
ଏବେ ମୋର ଅଧିକାର।

ମୁଁ ବି ନିର୍ଦ୍ୱନ୍ଦ୍ୱରେ ପରଶି ଦେଲି
ସେ ଅଧିକାର
ତୁମ ଆଗରେ, ଭୋଗ ଥାଳିରେ
ପାଣି ପାତ୍ର ବଦଳରେ ଢାଳିଦେଲି
ଆଖିରୁ ଦୁଇ ବୁନ୍ଦା ଜଳ
ତୁମେ ପୁଣି ମହନୀ କଲ
ସେ ଲୁହକୁ ଫୁଙ୍କି ଦେଇ
ମୋତେ ଗୋଟେ ହସ ଋତୁ ଦେଲ
ସେ ଋତୁ ଚିରକାଳ ମୋ ଓଠରେ ଥାଉ ବୋଲି
ତଥାସ୍ତୁ କହିଲ।

*–ଶିକ୍ଷୟିତ୍ରୀ, ବିଡ଼ାନାସୀ, କଟକ*
*ମୋ:୯୮୬୧୦୭୩୭୩୦*

# ବନ୍ଧୁତା

–ବୃନ୍ଦାବନ ଦାଶ

**ବ**ନ୍ଧୁତା ସ୍ୱର୍ଗୀୟ
ବନ୍ଧୁତା ଦିବ୍ୟ
ଯୁଗେ ଯୁଗେ ଅଛି ରହି
ପୁରାଣ ପୋଥିରେ
ଲେଖା ରହିଅଛି
କେତେ ଯେ ଦୃଷ୍ଟାନ୍ତ ବୋହି
ଯୁଗେ ଯୁଗେ ଅଛି ରହି ।।

ବନ୍ଧୁତା ଗୋଟିଏ
ଦୃଢ଼ ବନ୍ଧନ
ଏ ମାଟିର ମହନୀୟ ଗାଥା
ଆଜି ଅବିଶ୍ୱାସ
ବିଷ ନିଶ୍ୱାସ
ଲିଭେଇ ପାରିନି ସେହି କଥା
ରହିଛି ରହିବ
ଯୁଗଯୁଗ ଧରି
ଅଲିଭା ସ୍ୱାକ୍ଷର ବୋହି....
ଯୁଗେଯୁଗେ ଅଛି ରହି ...।।

*–ଭୁଗୁଡାକଟା, ଭଞ୍ଜପୁର,*
*ବାରିପଦା*
*ମୋ: ୯୭୭୮୮୯୦୭୭୩*



# ସମ୍ବିତଙ୍କ ପ୍ରେମ ପାଠ

ଅଭିନେତା ସମ୍ବିତ ଏଣିକି ପ୍ରେମ ପାଠ ପଢ଼ାଇବେ। ଏ ନେଇ ସେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। ଏପରି ପାଠ ପଢ଼ାଇବା ତ ସହଜ କଥା ନୁହେଁ। ତେଣୁ ସେଥିପାଇଁ ସେ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ହଁ, ଏପରି ଘଟଣା ସମ୍ବିତଙ୍କ ରିୟଲ ନୁହେଁ, ରିଲ୍ ଲାଇଫରେ ଘଟିବାକୁ ଯାଉଛି। ଫିଲ୍ମଟିର ଟାଇଟଲ ରହିଛି 'ପ୍ରେମ ଶିକ୍ଷକ'। ଏ ବିଷୟରେ ସମ୍ବିତ କହନ୍ତି, 'ଏହା ଏକ ରୋମାଣ୍ଟିକ ଷ୍ଟୋରି। ଏଥିରେ କ'ଣ ମସଲା ରହିଛି ତାହା ଦର୍ଶକ ଫିଲ୍ମଟିକୁ ଦେଖିଲେ ହିଁ ଜାଣିପାରିବେ। ଏଥର କରୋନା ମହାମାରୀ ସମୟରେ ମୁଁ ତାହାକୁ ଏକ ଚ୍ୟାଲେଞ୍ଜ ଭାବରେ ନେଇଥିଲି। କାରଣ ସେହି ସମୟରେ ମୁଁ ବେଶ୍ କେତୋଟି ଫିଲ୍ମର ଶୁଟିଂ ଶେଷ କରିଥିଲି।' ଦୀର୍ଘ ୮ ବର୍ଷର ବଡ ପରଦା କ୍ୟାରିୟର ଭିତରେ ସମ୍ବିତ 'ପ୍ରେମ୍ ୱେଡସ ପ୍ରିୟା', 'କଟକ, ଦ ସିଲଭର ସିଟି', 'ଚଉକା ଛକା', 'ଓମ୍', 'ଗଞ୍ଜା ଲଢ଼େଇ', 'ହାପି ଲକି' ଏବଂ ନିଟକରେ ରିଲିଜ ହୋଇଥିବା 'ବିଶ୍ୱନାଥ' ଆଦି ପାଖାପାଖି ୨୫ଟିରୁ ଅଧିକ ସିନେମାରେ ଅଭିନୟ କରିସାରିଲେଣି। ଏବେ ସେ ଅଭିନୟ କରୁଥିବା 'ଓମ୍ ଶ୍ରୀ ପ୍ରଜାପତୟେ ନମଃ'ର ଶୁଟିଂ ଚାଲୁ ରହିଥିବା ବେଳେ 'ରୁଦ୍ର ଅବତାର' ନାମକ ଆକ୍ସନ ଫିଲ୍ମ ହାତରେ ରହିଛି।


ସମ୍ବିତ

# ସତ ମିଛର ଖେଳ

କରୀନା କପୁର ଓରଫ ବେବୋଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ପୌରାଣିକ କଥାବସ୍ତୁକୁ ନେଇ ନିର୍ମିତ ହେବାକୁ ଯାଉଛି ହିନ୍ଦୀ ସିନେମା 'ରାମାୟଣ'। ଏଥିରେ ସୀତା ଚରିତ୍ରରେ କରୀନା କପୁର ଅଭିନୟ କରିବେ ବୋଲି ଶୁଣାଯାଉଥିଲା। ଏପରି କି ଏହି ଭୂମିକା ପାଇଁ ସେ କୁଆଡେ ୧୨ କୋଟି ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି ବୋଲି ଆଲୋଚନା ହେଉଥିଲା। ଏବେ ପୁଣି ଥରେ ସେହି ଆଲୋଚନା ଜୋର୍ ଧରିଛି। ସେପଟେ ଏଭଳି ଆଲୋଚନାକୁ ନେଇ ବେଶ୍ କିଛି ଦିନ ଚୁପ୍ ରହିଥିଲେ କରୀନା। କେତେଦିନ ଅବା ସେ ଏମିତି ରହିପାରନ୍ତେ ? ଶେଷରେ ବାଧ ହୋଇ ସେ ମୁହଁ ଖୋଲିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମ ପାଇଁ ମୋତେ ୧୨ କୋଟି ପାରିଶ୍ରମିକ ମିଳିବ ବୋଲି ମୁଁ ଅନ୍ୟମାନଙ୍କଠାରୁ ଶୁଣୁଛି। ମୁଁ କଦାପି ଏତେ ପାରିଶ୍ରମିକ ଡିମାଣ୍ଡ କରିନାହିଁ। କେହି ଏସବୁ ମୋ ନାଁରେ ଗୁଜବ କରୁଛନ୍ତି।' ତେବେ ଏଭଳି କଥା ପଛରେ କେତେ ସତ୍ୟତା ଅଛି ତାହା ପ୍ରଯୋଜନା ସଂସ୍ଥା ନ ହେଲେ କରୀନାଙ୍କୁ ଜଣା।


'ଜୱାନ' ଫିଲ୍ମରେ ଶାହରୁଖ

# ଜୱାନ ଶାହରୁଖ

ଦିନ ଥିଲା ବଲିଉଡ୍‌ରେ ଶାହରୁଖ ରାଜ୍ କରୁଥିଲେ। ତାଙ୍କ ଅଭିନୀତ ଅଧିକାଂଶ ରୋମାଣ୍ଟିକ ଫିଲ୍ମ ଯୁବପିଢ଼ୀଙ୍କୁ ବେଶ୍ ପ୍ରଭାବିତ କରିଥିଲା। କିନ୍ତୁ ଗତ କିଛି ବର୍ଷ ହେବ ତାଙ୍କ ଅଭିନୀତ ଫିଲ୍ମଗୁଡିକ ବକ୍ସ ଅଫିସରେ ଫ୍ଲପ ହେଉଛି, ଯାହା ତାଙ୍କର ଟେନସନ ବଢ଼ାଇ ଦେଇଛି। ଚଳିତ ବର୍ଷ ତାଙ୍କର କେତୋଟି ଫିଲ୍ମ ସିରିଜ ରିଲିଜ ଅପେକ୍ଷାରେ ରହିଛି। ତନ୍ମଧ୍ୟରୁ ଚର୍ଚ୍ଚାରେ ରହିଛି 'ଜୱାନ୍' ଏବଂ 'ପଠାନ୍'। ନିକଟରେ 'ଜୱାନ'ର ପ୍ରଥମ ଟିଜର ରିଲଜ ହୋଇ ବେଶ୍ ଭାଇରାଲ ହୋଇଛି। ଏହି ଫିଲ୍ମରେ ଶାହରୁଖଙ୍କ ଅପୋଜିଟ୍‌ରେ ଅଛନ୍ତି ନୟନତାରା, ପ୍ରିୟାମଣି, ରାଣା ଦାଗୁବତୀ, ସାନ୍ୟା ମାଲହୋତ୍ରା ଏବଂ ବିଜୟ ସେତୁପତି। ଅଟଲି କୁମାରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଆକ୍ସନ ଥ୍ରୀଲର ଫିଲ୍ମ ଆସନ୍ତା ବର୍ଷ ଜୁନ୍ ୨ରେ ପରଦା ଉପରକୁ ଆସିବ। ଅନ୍ୟପକ୍ଷରେ ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ନିର୍ମାଣାଧୀନ 'ପଠାନ୍'ରେ ଶାହରୁଖଙ୍କ ବ୍ୟତୀତ ଦୀପିକା ପାଦୁକୋନ୍, ଜନ୍ ଆବ୍ରାହମ୍ ଏବଂ ଆଶୁତୋଷ ରାଣାଙ୍କୁ ଦେଖିବାକୁ ମିଳିବ।


ଶ୍ରଦ୍ଧା

# ଟାଇଟଲ୍‌କୁ ଅପେକ୍ଷା

ଲଭ୍ ରଞ୍ଜନଙ୍କ ଆଗାମୀ ଫିଲ୍ମର ଟାଇଟଲ କ'ଣ ଦିଆଯିବ ତାହା ନେଇ ପ୍ରଯୋଜନା ସଂସ୍ଥାରେ ବିଚାର ବିମର୍ଷ ଚାଲିଛି। ଅବଶ୍ୟ ୟା' ଭିତରେ ୩-୪ଟି ଟାଇଟଲକୁ ନେଇ ବେଶ୍ ଆଲୋଚନା ହୋଇଥିଲା। ହେଲେ ତାହା ନିର୍ଦ୍ଦେଶକଙ୍କ ମନକୁ ଛୁଇଁ ପାରି ନ ଥିଲା। ସେପଟେ ଏହି ଫିଲ୍ମର ଶୁଟିଂ ଚାଲୁ ରହିଛି। ହେଲେ ଘରେ ପଶୁ ପଶୁ ଚାଳ ବାଜିଲା ପରି ନିକଟରେ ଏହାର ଶୁଟିଂ ସେଟ୍‌ରେ ଏକ ଅଘଟଣ ଘଟିଯାଇଛି। ଶୁଟିଂ ଆରମ୍ଭ ହେବା ପୂର୍ବରୁ ସର୍ଟ ସର୍କିଟ ଯୋଗୁଁ ସେଟ୍‌ଟି ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ହୋଇଯାଇଥିଲା। ହେଲେ ଏଥିରେ କେହି ଆହତ ହୋଇନାହାନ୍ତି ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ରଣବୀର କପୁର ଏବଂ ଶ୍ରଦ୍ଧା କପୁର। ଏହି ଫିଲ୍ମ ବିଷୟରେ ଶ୍ରଦ୍ଧା କହନ୍ତି, 'ଏହାର ଟାଇଟଲ୍ ଏ ପର୍ଯ୍ୟନ୍ତ ଫାଇନାଲ ହୋଇପାରିନାହିଁ। ତେବେ ଯେଉଁ ଦୁର୍ଘଟଣା ଘଟିଗଲା ତାହା ସମସ୍ତଙ୍କୁ ମର୍ମାହତ କରିଛି। ତେଣୁ ଟାଇଟଲ ସନ୍ଧାନ ମିଶନକୁ ପାଖାପାଖି ୧୫ଦିନ ଘୁଞ୍ଚାଇ ଦିଆଯାଇଛି।' ଏହି ଫିଲ୍ମଟି ରଣବୀର-ଶ୍ରଦ୍ଧାଙ୍କ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।

# କଥା ଦୁଇ ଘଣ୍ଟାର

ଜାହ୍ନବୀ କପୁର ନିକଟରେ ଏମିତି ଭାବପ୍ରବଣ ହୋଇପଡିଲେ ଯେ, ତାଙ୍କ ଆଖିରୁ ଦୁଇଟୋପା ଲୁହ ଗଡିପଡିଲା। କଥା କ'ଣ କି ସେ ଏବେ ଏକ ଅନ୍‌ଟାଇଟଲଡ ଫିଲ୍ମର ନାୟିକା ଭୂମିକାରେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କୁ ଜଣେ ଗାଉଁଲି ଯୁବତୀ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ନିଜ ଭୂମିକା ସମ୍ପର୍କରେ ସୂଚନା ଦେଉଦେଉ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ଏ ନେଇ ଜାହ୍ନବୀ କହନ୍ତି, 'ଏହି ଫିଲ୍ମର ଶୁଟିଂ ପାଇଁ ମେକ୍‌ଅପ୍ ନେବା ପରେ ଯେତେବେଳେ ମୁଁ ନିଜକୁ ଆଇନା ସମ୍ମୁଖରେ ଦେଖିଲି ସେତେବେଳେ ମୁଁ ଆଉ ନିଜକୁ କଣ୍ଟ୍ରୋଲ କରିପାରି ନ ଥିଲି। ମୋ ଆଖିରୁ ଦୁଇ ଟୋପା ଲୁହ ଗଡି ପଡିଥିଲା ପୁଣି ଏପରି ପରିସ୍ଥିତି ହେଲା ଯେ, ମୁଁ ନିଜକୁ ସାଧାରଣ ଅବସ୍ଥାକୁ ଆଣିବାକୁ ଦୁଇ ଘଣ୍ଟା ସମୟ ଲାଗିଥିଲା। ମୋତେ ଏଭଳି ଇମୋଶନାଲ ଅବସ୍ଥାରେ ଦେଖି ନିର୍ଦ୍ଦେଶକ ମୋତେ ପ୍ରଥମେ କିଛି ସମୟ ବିଶ୍ରାମ ନେବାକୁ କହିଥିଲେ। ମୁଁ ଭ୍ୟାନିଟି ଭ୍ୟାନ୍ ଭିତରେ ପାଖାପାଖି ଦୁଇ ଘଣ୍ଟା ବସିବା ପରେ ନିଜକୁ ନିୟନ୍ତ୍ରଣକୁ ଆଣିଥିଲି। ତେବେ ଏହି ଦୁଇ ଘଣ୍ଟା ମୋ ମନର ଲେନ୍ସରୁ କଦାପି ଲିଭିବ ନାହିଁ।' ତେବେ ଏଭଳି ଜଣେ ଗାଉଁଲି ଯୁବତୀ ଭୂମିକାରେ ଜାହ୍ନବୀ ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ସୂଚନାଯୋଗ୍ୟ ବର୍ତ୍ତମାନ ଜାହ୍ନବୀ କ୍ରିକେଟ ଅଭ୍ୟାସ କରୁଛନ୍ତି। କାରଣ ଏପରି କାହାଣୀକୁ ନେଇ ପ୍ରସ୍ତୁତ ହେବାକୁ ଯାଉଥିବା ହିନ୍ଦୀ ସିନେମା 'ମିଷ୍ଟର ଆଣ୍ଡ ମିସେସ ମାହି'ରେ ସେ ଅଭିନୟ କରିବେ।


ଜାହ୍ନବୀ

# ଫିଟ୍‌ନେସ୍ ରହସ୍ୟ

ନିକଟରେ ଚିତ୍ରାଙ୍ଗଦା ସିଂଙ୍କର କେତେ ଜଣ ସାଙ୍ଗଙ୍କ ସହ ଭେଟ ହୋଇଗଲା। ଆଉ ଗପସପ୍ ଆରମ୍ଭ ହୋଇଗଲା। ଏଇ ଗପ୍‌ସପ୍ ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିଲା। ଏହି ସମୟରେ ସେ ସେମାନଙ୍କୁ ନିଜ ଫିଟ୍‌ନେସ ନେଇ ଲମ୍ବା ଭାଷଣ ବି ଦେଇଥିଲେ। ଆଉ କହିଥିଲେ, ' ମୋ ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ରହିଛି। କାରଣ ଯୋଗ ଦ୍ୱାରା ଜଣେ ନିଜକୁ ଅନେକାଂଶରେ ଫିଟ୍ ରଖିପାରିବ। ପ୍ରତିଦିନ ମୁଁ ଯେମିତି ହେଲେ କିଛି ସମୟ ଯୋଗ କରିଥାଏ। ତା'ସହ ଏକ୍ସରସାଇଜ ଏବଂ ଡାଏଟିଂ ପ୍ରତି ମଧ୍ୟ ଗୁରୁତ୍ୱ ଦିଏ।' ଚିତ୍ରାଙ୍ଗଦାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ହଜାରୋଁ ଖ୍ୱାହିସେଁ ଐସି'ରୁ। ଏହାର ନିର୍ଦ୍ଦେଶନା ଦେଇଥିଲେ ସୁଧୀର ମିଶ୍ର। ନିଜର ୧୯ ବର୍ଷର ବଡ ପରଦା କ୍ୟାରିୟରରେ ସେ ମାତ୍ର ହାତ ଗଣତି କେତୋଟି ସିନେମାରେ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର 'ବବ୍ ବିଶ୍ୱାସ' ଗତ ବର୍ଷ ରିଲିଜ ହୋଇଥିଲା। ଏବେ ସେ ମାଲାୟଲମ୍ ଥ୍ରୀଲର୍ ଚଳଚ୍ଚିତ୍ର 'ଜୋସେଫ'ର ହିନ୍ଦୀ ରିମେକ୍‌ରେ ଅଭିନୟ କରୁଛନ୍ତି। ଯାହାର ପ୍ରାରମ୍ଭିକ କାମ ଚାଲୁ ରହିଛି।


ଚିତ୍ରାଙ୍ଗଦା

# ଚତୁରୀ ପରିଣିତି

ପରିଣିତି ଚୋପ୍ରା ଏବେ ଚାରିଆଡ଼େ ଅକ୍ଷୟ କୁମାରଙ୍କ ପ୍ରଶଂସା କରିବୁଲୁଛନ୍ତି। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। କାରଣ ସେ ଅଭିନୟ କରିବାକୁ ଯାଉଥିବା ଏକ ନୂଆ ସିନେମାର ମେଲ୍ ଲିଡ୍‌ରେ ଅକ୍ଷୟ କୁମାର ଅଭିନୟ କରିବାର ଯୋଜନା ରହିଛି। ଯେତେବେଳେ ଏ ନେଇ ପରିଣିତିଙ୍କୁ ଅଫର ଦିଆଗଲା, ସେତେବେଳେ ତାଙ୍କର ଖୁସି ଦେଖେ କିଏ। ଏ ନେଇ ସେ କହନ୍ତି, 'ସତ କଥା କହିବାକୁ ଗଲେ ଅକ୍ଷୟ କୁମାରଙ୍କ ପରି ଅଭିନେତାଙ୍କ ସହ କାମ କରିବାର ମଜା ନିଆରା। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହାକୁ ତୁଲାଇବା ଏତେ ସହଜ ନୁହେଁ। କାରଣ ଏଥିରେ ମୋତେ କେତୋଟି ଫାଇଟ୍ ସିନ୍ ପାଇଁ ଶଟ୍ ଦେବାକୁ ପଡିବ। ତେଣୁ ଏଥିପାଇଁ ଆରମ୍ଭରୁ ପ୍ରସ୍ତୁତ ହେବା ଦରକାର। ଏକଥା ଯେତେବେଳେ ଅକ୍ଷୟ ଜାଣିଲେ ସେ ତାଙ୍କ ପଟରୁ ମୋତେ ସହଯୋଗର ହାତ ବଢ଼ାଇଛନ୍ତି। ସେପଟେ ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ କିନ୍ତୁ ପ୍ରାରମ୍ଭିକ କାମ ଚାଲିଛି। ମୋତେ ମିଳୁଥିବା ଭୂମିକାଟି ବଡ଼ ହୋଇଥାଉ କି ଛୋଟ-ସେଗୁଡିକୁ ସବୁବେଳେ ମୁଁ ଗୁରୁତ୍ୱର ସହ ନେଇଥାଏ। ଅକ୍ଷୟଙ୍କ ନିକଟରୁ ମୋତେ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିବାର ଅଛି।' ତେବେ ଅକ୍ଷୟଙ୍କ ସହ ତାଙ୍କର ଯୋଡିକୁ ଦର୍ଶକ କିପରି ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ପରିଣିତି

# ଟିକିଏ ଆନନ୍ଦ ଘଡିଏ ଡର, ଲୁଚିକି ଲେଖୁଛି ଲଭ୍ ଲେଟର

**ପ୍ରଶ୍ନ**–ସେ ମୋ ସ୍ୱପ୍ନ ସୁନ୍ଦରୀ। ତା'ସହ ଯେତେବେଳେ ପ୍ରଥମ ଥର ଭେଟ ହେଲା, ଏକାଥରେ ତା' ମାୟାରେ ମୁଁ ପଡିଗଲି। ହେଲେ ସେ ମୋତେ ଏବେ ଦେଖିଲେ କେବଳ ହସୁଛି, କିଛି କହୁନି। ତା' ପାଇଁ ଅନେକ ଚିଠି ଲେଖିଛି, ହେଲେ ତାକୁ ଦେବାକୁ ସାହସ ହେଉନି। ଏବେ କ'ଣ କରିବି କିଛି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ? *–ପ୍ରଦୀପ ରାଉତ, ବାଲେଶ୍ୱର*

**ଉତ୍ତର :** ପ୍ରେମ ଏପରି ଏକ ନିଶା ଯାହା ମନକୁ ଥରେ କବଳିତ କଲେ ସେହି ନିଶା ସହଜରେ ଖସେ ନାହିଁ। ଦେଖୁନାହାନ୍ତି, କେମିତି ପ୍ରଥମ ଦେଖାରେ ସେହି ସୁନ୍ଦରୀ ନିକଟରେ ଆପଣଙ୍କ ରଙ୍ଗୀଲା ମନ ବନ୍ଧା ପଡିଯାଇଛି। ପୁଣି ତା' ପାଇଁ ଗୁଡାଏ ଚିଠି ଲେଖିଛନ୍ତି ହେଲେ ଦେଇପାରୁନାହାନ୍ତି। 'ଟିକିଏ ଆନନ୍ଦ ଘଡିଏ ଡର, ଲୁଚିକି ଲେଖୁଛି ଲଭ୍ ଲେଟର।' ପୁଣି ଲେଖିଛନ୍ତି ଯେ, ଆପଣଙ୍କୁ ଦେଖି ସେ ହସି ଦେଉଛି। କେବଳ ମଗଜ ଖଟାଇ ସେହି ହସରେ ଲୁଚି ରହିଥିବା ତା' ମନ କଥାକୁ ଭଲ ଭାବରେ ପଢ଼ନ୍ତୁ। ଯଦି ଦୁଇ ପଟରୁ ପାଣିପାଗ ଠିକ୍ ଅଛି ତେବେ ବିଳମ୍ବ ନ କରି ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ। ତେଣୁ ସମୟ ନଷ୍ଟ ନ କରି ପାଦ ଆଗକୁ ବଢ଼ାଇବା ହିଁ ଠିକ୍ ହେବ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଦୁଇ ବର୍ଷ ହେବ ଧୋକା ଦେଇ ଚାଲିଯାଇଛି। ଏବେ ତାକୁ ଦେଖିଲେ ମୋତେ ଲାଗୁଛି ସେ ମୋତେ ପୁଣି ଥରେ ଭଲ ପାଇବାକୁ ଚେଷ୍ଟା କରୁଛି। ତା' ସହ ପୁଣି ଥରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ? *–ଶ୍ରୀଜିତ କୁମାର, ବ୍ରହ୍ମପୁର*

**ଉତ୍ତର :** ଦୁଇ ବର୍ଷର ଗ୍ୟାପ୍ ପରେ ସେହି ପୁରୁଣା ପ୍ରେମିକାକୁ ଦେଖିଲା ବେଳକୁ ଆପଣଙ୍କ ଦିଲ୍‌ର ଧଡକନ୍ ବଢ଼ୁଛି। ହୁଏତ ତା' ଆଡକୁ ପୁଣି ଥରେ ଢ଼ଳିବାକୁ ଆପଣ ମନସ୍ଥ କରିସାରିଲେଣି। ହେଲେ ସେ ଆପଣଙ୍କୁ ଧୋକା ଦେଇ ଚାଲିଯାଇଥିଲା। ତାକୁ ପୁଣି ଥରେ ବିଶ୍ୱାସ ପରିସରକୁ ନେବା କେତେଦୂର ଯୁକ୍ତିଯୁକ୍ତ ତାହା ଭଲ ଭାବରେ ତର୍ଜମା କରନ୍ତୁ। ପୁଣି ଥରେ ତା'ସହ ପ୍ରେମ ବନ୍ଧନରେ ବାନ୍ଧି ହୋଇ ଯଦି ପୁନର୍ବାର ଧୋକା ଖାଇଲେ ସେତେବେଳର ପରିସ୍ଥିତିକୁ ସାମନା କରିପାରିବେ ତ? ଆଉ ଗୋଟିଏ କଥା। ତାକୁ ଦେଖିଲେ ଆପଣ ପୁଣି ଥରେ ଲଭ୍ ଗେମ୍ ଆରମ୍ଭ କରିବାକୁ ଚାହୁଁଛନ୍ତି। ତାହାର ଏ ନେଇ ସମ୍ମତି ଅଛି ତ? ଯଦି ଦ୍ୱିତୀୟ ଥର ପ୍ରେମରେ ବିଶ୍ୱାସ ଦୃଢ଼ ରହିଲା ଭଲ କଥା। ହେଲେ ପୁଣି ଥରେ ଯଦି ସେ ଚଢ଼େଇ ଉଡିଗଲା, ତେବେ ! ଏପରି ସମୟରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ କଥା ଦେଇ ଯାଇଥିଲା ଯେ ସେ ଫେରି ଆସିବ। ହେଲେ ଦିନ ପରେ ଦିନ ଗଡି ଚାଲିଛି। ଅପେକ୍ଷା କରି କରି ମୁଁ ଧୈର୍ଯ୍ୟହରା ହୋଇଗଲିଣି। ସେହି ଚାନ୍ଦିନୀ ରାତି ଅଛି ହେଲେ ମୋ ମନର ସାଥୀ ନାହିଁ। କ'ଣ କରିବି ? *–ବିଜୟ ନାୟକ, କଟକ*

**ଉତ୍ତର :** ଆପଣଙ୍କ ପ୍ରେମିକା ଆପଣଙ୍କୁ କଥା ଦେଇ ଯାଇଛି ଯେ ସେ ଫେରି ଆସିବ। ସମୟ ତା' ବାଟରେ ଗଡି ଚାଲିଛି, ପ୍ରତୀକ୍ଷାର ଅନ୍ତ ହେଉନାହିଁ କି ଆପଣଙ୍କ ମନର ମାନସୀ ଆସୁନାହିଁ। ସତରେ, ବଡ ପ୍ୟାଥେଟିକ୍! ସବୁଠାରୁ ବଡ କଥା, ଆପଣ ଧୈର୍ଯ୍ୟର ସହ ତାକୁ ଅପେକ୍ଷା କରିଛନ୍ତି। ହେଲେ ସବୁ ଅପେକ୍ଷାର ସୀମା ଥାଏ। ହୁଏତ ଏମିତି ବି ହୋଇପାରେ ସେ ଆଉ କାହା ମନରେ ଘର କରି ସାରିଲାଣି। କଥାରେ ଅଛି–ଅପେକ୍ଷାର ଫଳ ମିଠା। ହେଲେ ସବୁ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। ତେଣୁ ତାକୁ ଆହୁରି ଅପେକ୍ଷା କରିବେ ନା ସେପରି ପ୍ରେମରେ ଯବନିକା ଟାଣି ଦେବେ ତାହା ନିଜ ଉପରେ ନିର୍ଭର କରେ।



**ସାଥୀ**

## ପ୍ରଥମ ରୋଜଗାର



କୃଷି ବିଶେଷଜ୍ଞ ଓ ଲେଖକ **ମାନସ ରଞ୍ଜନ ପଟ୍ଟନାୟକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମା ଟଙ୍କା ବାପାଙ୍କୁ ଦେଇଥିଲି

ଖୋର୍ଦ୍ଧା ଜିଲା ସଦର ବ୍ଲକ ଅନ୍ତର୍ଗତ ବାଜପୁର ଗାଁରେ ମୋ ଜନ୍ମ। ଭୁବନେଶ୍ୱର ୮ନଂ ହାଇସ୍କୁଲ୍‌ରୁ ଏକାଦଶ ପାସ୍ କରି ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଇ.ଏସ୍‌ସି ପଢିଥିଲି। ତା'ପରେ ଆଲ୍ଲାହାବାଦ୍‌ସ୍ଥିତ କୁଲଭାସ୍କର ଆଶ୍ରମ କୃଷି ଇଣ୍ଟର କଲେଜରୁ ଡିପ୍ଲୋମା ଏ.ଜି. ଏବଂ ରାଜସ୍ଥାନ ବିଶ୍ୱବିଦ୍ୟାଳୟରୁ ବି.ଏସ୍‌ସି. ଏ.ଜି. ପାସ୍ କରିବା ପରେ ୧୯୯୪ରେ ଏଗ୍ରିକଲ୍‌ଚର ଫାଇନାନ୍ସ କର୍ପୋରେଶନରେ ଅନିୟମିତ ଭାବେ ଇନ୍‌ଭେଷ୍ଟିଗେଟର ପଦବୀରେ ଜଏନ୍ କରିଥିଲି। ଉକ୍ତ ଚାକିରିରୁ ଯେଉଁ ପ୍ରଥମ ଦରମା ପାଇଥିଲି, ତାହାକୁ ନେଇ ବାପାଙ୍କୁ ଦେଇଥିଲି। ବାପା ସେହି ଟଙ୍କାରୁ କିଛି ନେଇ ଠାକୁରଙ୍କ ପାଖେ ପ୍ରଥମେ ଭୋଗ କରିଥିଲେ। ତା'ସହିତ ମୋ ପାଇଁ ସାଇକେଲ୍‌ଟିଏ ମଧ୍ୟ କିଣି ଦେଇଥିଲେ। ବାପା ସୁରେନ୍ଦ୍ର କୁମାର ପଟ୍ଟନାୟକ ଥିଲେ କୃଷି ବୈଷୟିକ ମହାବିଦ୍ୟାଳୟର ଜଣେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀ। ଅଳ୍ପ ଦରମା ପାଉଥିଲେ ବି ପାଠ ପଢାଇ ମୋତେ ମଣିଷ କରିବାରେ ସେ କେବେ ଅବହେଳା କରି ନଥିଲେ। ତେଣୁ ଇଚ୍ଛା ଥିଲା ଯେବେ ଚାକିରି କରିବି ପ୍ରଥମ ଦରମା ନେଇ ବାପାଙ୍କ ହାତରେ ଦେବି। ନିଜ ଇଚ୍ଛା ପୂରଣ କରିପାରିଥିବାରୁ ମୋତେ ଖୁବ୍ ଖୁସି ଲାଗୁଥିଲା। ତେବେ ଉକ୍ତ ସଂସ୍ଥାରେ କିଛିଦିନ କାମ କରିସାରିବା ପରେ ରାଉରକେଲା ପ୍ରଗତିକେନ୍ଦ୍ର (ଏନ୍.ଜି.ଓ)ରେ ପ୍ରୋଜେକ୍ଟ କୋଅର୍ଡିନେଟର ଭାବେ ଯୋଗ ଦେଇଥିଲି। ସେଠାରେ ମୁଁ ଚାରାରୋପଣ କାର୍ଯ୍ୟନିର୍ବାହ କରୁଥିଲି। ଆଉ ସେହି ସମୟ ମଧ୍ୟରେ ଓୟୁଏଟିର ଏମ୍.ଏସ୍‌ସି. କୃଷି ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୃଷି ଅର୍ଥନୀତିରେ ଡିଗ୍ରୀ ହାସଲ କଲି। ତା'ପରେ ୧୯୯୯ରେ ଓୟୁଏଟିର ଏକ ଫିଲପାଇନସ୍ (ଇରି) ପ୍ରୋଜେକ୍ଟରେ ଅନିୟମିତ ଭାବେ କାର୍ଯ୍ୟ କରିଥିଲି। ଉକ୍ତ ପ୍ରୋଜେକ୍ଟରେ କାର୍ଯ୍ୟ କରିବା ମଧ୍ୟରେ ପ୍ରଫେସର୍ ଡ.ଲକ୍ଷ୍ମୀନାରାୟଣଙ୍କ ତତ୍ତ୍ୱାବଧାନରେ କୃଷି ଦୁନିଆ ସଂସ୍ଥାରେ ମଧ୍ୟ ପ୍ରଶ୍ନୋତ୍ତର ତଥା ସ୍କ୍ରିପ୍ଟ ରାଇଟିଂରେ ସହାୟକ ଭାବେ କାର୍ଯ୍ୟ କରୁଥିଲି। ତା'ପରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରେ ରିସର୍ଚ୍ଚ ଆସୋସିଏଟ୍ ଭାବେ ଦାୟିତ୍ୱ ଗ୍ରହଣ କଲି। କିଛିଦିନ ପରେ ପୁନର୍ବାର ଓୟୁଏଟିର ଏନ୍.ଏ.ଟି.ପି ପ୍ରୋଜେକ୍ଟରେ ସିନିୟର୍ ରିସର୍ଚ୍ଚ ଆସୋସିଏଟ୍, ତା'ପରେ ସରକାରୀ ମୃତ୍ତିକା ସଂରକ୍ଷଣ ବିଭାଗ, କଳାହାଣ୍ଡିରେ ଜଳଛାୟା ପ୍ରକଳ୍ପରେ ମଧ୍ୟ କାର୍ଯ୍ୟନିର୍ବାହ କରିଥିଲି। ୨୦୦୬ରେ କୃଷି ବିଜ୍ଞାନ କେନ୍ଦ୍ର, ଓୟୁଏଟିରେ କ୍ଷେତ୍ର ପରିଚାଳକ ଭାବେ କାର୍ଯ୍ୟ କରି ବର୍ତ୍ତମାନ ଓୟୁଏଟିର ଆଗ୍ରୋପଲିଟେକ୍‌ନିକ୍ ସେଣ୍ଟର, ବୌଦ୍ଧରେ ଅଧ୍ୟକ୍ଷ ଭାବେ ଅବସ୍ଥାପିତ। ପିଲାଟିଦିନରୁ ମୁଁ କୃଷିକୁ ତଥା ଜୈବିକ କୃଷିକୁ ପ୍ରାଧାନ୍ୟ ଦେଇଆସିଛି। ଆଉ ଭବିଷ୍ୟତରେ ଜୈବିକ କୃଷି କିପରି ଆଗେଇବ ଓ ପ୍ରତିଟି ଚାଷୀ କିଭଳି ଜୈବିକ କୃଷିରେ ଅଧିକରୁ ଅଧିକ ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ କାର୍ଯ୍ୟ କରିବା ମଧ୍ୟ ଆରମ୍ଭ କରିଦେଇଛି। ଏ କ୍ଷେତ୍ରରେ ମୋ ଧର୍ମପତ୍ନୀ ପ୍ରଫେସର୍ ପୁଷ୍ପାଞ୍ଜଳୀ ସାମନ୍ତରାୟଙ୍କର ଅବଦାନ ମଧ୍ୟ ବହୁତ ରହିଛି। ସେ ବର୍ତ୍ତମାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତା। ଏତଦ୍‌ବ୍ୟତୀତ ରେଡ଼ିଓ, ଖବରକାଗଜ ତଥା ବୁକ୍‌ଲେଟ୍ ପାଇଁ ବି କୃଷି ଭିତ୍ତିକ ଲେଖା ଜାରି ରଖିଛି।








# ଟ୍ରେଣ୍ଡି ରାଖୀ

**ଭାଇ ହାତରେ ରାଖୀ ବାନ୍ଧିବାକୁ ଭଉଣୀ ମନରେ ଯେଉଁ ଉତ୍କଣ୍ଠା ଥାଏ, ତାହାକୁ ଲକ୍ଷ୍ୟ କରି ଏବେ କେତେ ନୂଆ ନୂଆ ଡିଜାଇନ୍‌ର ରାଖୀ ମିଳିଲାଣି। ତନ୍ମଧ୍ୟରୁ କେତୋଟି ଟ୍ରେଣ୍ଡି ରାଖୀ ସମ୍ପର୍କରେ...**







ରାଖୀ ପୂର୍ଣ୍ଣିମା। ପ୍ରତିଟି ଭାଇଭଉଣୀଙ୍କ ପାଇଁ ଏହା ହେଉଛି ଏକ ଖାସ୍ ଦିନ। ପରସ୍ପର ଭିତରେ ଯେତେ ମାନଅଭିମାନ, ରାଗରୁଷା, ବାଦବିବାଦ ଥାଉନା କାହିଁକି ସବୁକୁ ପଛରେ ପକାଇ ଭାଇ ହାତରେ ରାଖୀ ବାନ୍ଧିବାକୁ ଭଉଣୀଟିଏ ବେଶ୍ ଉତ୍ସାହର ସହ ଅପେକ୍ଷା କରି ରହିଥାଏ ଏହି ଶୁଭ ଦିନକୁ। ଏହି ପବିତ୍ର ମୁହୂର୍ତ୍ତରେ ଭାଇ ହାତରେ ରାଖୀ ବାନ୍ଧି ତା'ର ଶୁଭ ମନାସିବା ସହ ନିଜର ସୁରକ୍ଷା ପାଇଁ ବି ଭାଇଠାରୁ ପ୍ରତିଶ୍ରୁତି ନେଇଥାଏ ଭଉଣୀଟିଏ। ସେଥିପାଇଁ ତ ସିଏ କେତେ ସରାଗରେ ରାଖୀଟିଏ କିଣି ଆଣିଥାଏ ବଜାରରୁ। ଅନ୍ୟପକ୍ଷେ ଏହି ଅବସରକୁ ଆଖି ଆଗରେ ରଖି ବଜାରରେ ବି ବିକ୍ରି ହୋଇଥାଏ ନାନାଦି ଡିଜାଇନ୍‌ର ରାଖୀ। ତେଣୁ ଏଠାରେ ସେମିତି କେତୋଟି ଟ୍ରେଣ୍ଡି ରାଖୀ ସମ୍ପର୍କରେ ଉଲ୍ଲେଖ କରାଗଲା।

* **ଫଟୋ ଥିବା ରାଖୀ:** ଏବେ ବଜାରରେ ଏକ ନୂଆ ଧରଣର ରାଖୀ ମିଳୁଛି; ଯେଉଁଥିରେ କେବଳ ଭାଇ ହେଉ ଅବା ଭଉଣୀ କିମ୍ବା ଉଭୟ ଭାଇଭଉଣୀଙ୍କର ଫଟୋ ଲାଗିପାରିବ। ଏହି ଫଟୋ ଥିମ୍‌ବାଲା ରାଖୀ ଦେଖିବାକୁ ଯେମିତି ସୁନ୍ଦର ଲାଗେ ଏହାକୁ ଭାଇ ହାତରେ ବାନ୍ଧିଲେ ବି ସେମିତି ଆକର୍ଷଣୀୟ ଲୁକ୍ ମିଳିଥାଏ। ତା'ଛଡ଼ା ଏହି ଷ୍ଟାଇଲ୍‌ର ରାଖୀକୁ ନିଜ ପାଖେ ସ୍ମୃତି କରି ସାଇତି ରଖିବାକୁ ମଧ୍ୟ ଇଚ୍ଛା ହୋଇଥାଏ।
* **ନାମ ଲେଖାଥିବା ରାଖୀ:** ଏହି ପବିତ୍ର ଦିବସ ଅବସରରେ ଆପଣ ଚାହିଁଲେ ଭାଇ ହାତରେ ତାଙ୍କ ନାମ ଲେଖାଥିବା ରାଖୀ ବି ବାନ୍ଧି ପାରିବେ। ଏଥିପାଇଁ ବଜାରରେ ଏବେ ବହୁତ ପ୍ରକାରର ସୁବିଧା ଉପଲବ୍ଧ ହେଲାଣି। ନିଜ ନାମ ଲେଖା ଥିବା ରାଖୀ ଦେଖିଲେ ଭାଇମାନେ ନିଶ୍ଚୟ ଖୁସି ହେବେ, ଏଥିରେ ସନ୍ଦେହ ନାହିଁ।
* **ଭାଇ ଲେଖା ଥିବା ରାଖୀ:** ହିନ୍ଦୀ ଅକ୍ଷରରେ ଭାଇ ଲେଖା ହୋଇଥିବା ରାଖୀ ବି ଦେଖିବାକୁ ବେଶ୍ ଟ୍ରେଣ୍ଡି ଲାଗିଥାଏ। ରାଖୀ ଅବସରରେ ଭାଇମାନଙ୍କ ହାତରେ ବାନ୍ଧିବା ପାଇଁ ଏହି ଷ୍ଟାଇଲ୍‌ର ରାଖୀ ଏକ ଭଲ ବିକଳ୍ପ।
* **ବଡ଼ା ଭାଇ, ଛୋଟା ଭାଇ ରାଖୀ:** ହିନ୍ଦୀରେ ବଡ଼ ଭାଇ ହୋଇଥିଲେ 'ବଡ଼ା ଭାଇ' ଆଉ ସାନ ଭାଇ ହୋଇଥିଲେ 'ଛୋଟା ଭାଇ' ବୋଲି କୁହାଯାଇଥାଏ। ଆଉ ଏହି ଥିମ୍‌କୁ ନେଇ ତିଆରି ହୋଇଥିବା ରାଖୀ ବି ଭାଇମାନଙ୍କ ହାତରେ ବାନ୍ଧିବା ପାଇଁ ଭଲ ବିକଳ୍ପ ହୋଇଥାଏ। କୁହାଯାଏ, ରାଖୀ ଅବସରରେ ଯଦି ଏହି ଷ୍ଟାଇଲ୍‌ର ରାଖୀ ଭାଇମାନଙ୍କ ହାତରେ ବନ୍ଧାଯାଏ ତା'ହେଲେ ସେମାନଙ୍କୁ ଖାସ୍ ଲାଗିବା ସହ ଖୁବ୍ ଆନନ୍ଦ ବି ମିଳିଥାଏ।
* **ବ୍ରୋ ଲେଖାଥିବା ରାଖୀ:** ଭାଇ ବା ବ୍ରଦର୍‌କୁ ଏବେ ଷ୍ଟାଇଲ୍‌ରେ ଅନେକେ କେବଳ ବ୍ରୋ କହୁଥିବା ଶୁଣିବାକୁ ମିଳୁଛି। କେବଳ ଶୁଣାଯାଉନି ରାଖୀ ପୂର୍ଣ୍ଣିମା ପାଇଁ ବି ଏବେ ବଜାରରେ ଇଂଲିଶ ଅକ୍ଷରରେ ବ୍ରୋ ଲେଖା ହୋଇଥିବା ଏକ ସ୍ୱତନ୍ତ୍ର ଧରଣର ରାଖୀ ବି ମିଳୁଛି; ଯାହା ଦେଖିବାକୁ ଖୁବ୍ ଟ୍ରେଣ୍ଡି ମଧ୍ୟ ଲାଗୁଛି।







ଶ୍ରୀବିଦ୍ୟା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନଭିଲ୍ଲା

# ହାଃ ହାଃ

## ବ୍ଲଡ୍ ଗ୍ରୁପ୍

ଶିକ୍ଷକ ମଣ୍ଟୁକୁ: ମଣିଷଙ୍କର ଭିନ୍ନ ଭିନ୍ନ ବ୍ଲଡ ଗ୍ରୁପ୍ କାହିଁକି ଥାଏ ?
ମଣ୍ଟୁ: ସାର୍, ମଶାମାନେ ଡିଫରେଣ୍ଟ ଫ୍ଲେଭର୍ ଏନ୍‌ଜୟ କରିବା ପାଇଁ।

## ଅଏଲି

ଗର୍ଲଫ୍ରେଣ୍ଡ: ଜାନୁ, ମୋ ଚେହେରା ବହୁତ ଅଏଲି ଅଏଲି ହୋଇଗଲାଣି। ମୁଁ କ'ଣ କରିବି, କ'ଣ ଲଗେଇବି କହିଲ।
ବୟଫ୍ରେଣ୍ଡ: ଗୋଟେ କାମ କର ଭିମ୍ ବାର ଲଗାଅ। ସେ ସବୁ ଅଏଲିନେସ୍ ହଟେଇଦେବ।

## ଦୁଇ ମିନିଟ

ଯମରାଜ ମୋନାକୁ: ଚାଲ ମୋ ସହିତ, ତୁମ ସମୟ ଆସିଗଲା।
ମୋନା: ମତେ ଖାଲି ଦୁଇ ମିନିଟ ସମୟ ଦିଅନ୍ତୁ।
ଯମରାଜ: ଦୁଇ ମିନିଟ୍‌ରେ ତୁମେ କ'ଣ କରିବ ?
ମୋନା: ଫେସ୍‌ବୁକ୍‌ରେ ଷ୍ଟାଟସ୍ ଦେବି 'ଟ୍ରାଭେଲିଂ ଟୁ ଯମଲୋକ'।





# ବର୍ଷାରେ ଭ୍ରମଣ କର୍ଜତ

**ମହାରାଷ୍ଟ୍ରର ଏକ ଆକର୍ଷଣୀୟ ମନ୍ସୁନ୍ ଡେଷ୍ଟିନେଶନ ହେଉଛି କର୍ଜତ। ସବୁଜ ସୁନ୍ଦର ପରିବେଶ ସାଙ୍ଗକୁ ନଦୀ, ଝରଣାର ସୌନ୍ଦର୍ଯ୍ୟ ପାଇଁ ଏହା ବେଶ୍ ଲୋକପ୍ରିୟତା ହାସଲ କରିପାରିଛି। ରିମ୍‌ଝିମ୍ ବର୍ଷାରେ ଭିଜିଭିଜି ଏଠାକାର ପାହାଡ଼, ପର୍ବତକୁ ବୁଲି ଦେଖିବାରେ ମିଳିଥାଏ ଏକ ଅପୂର୍ବ ଆନନ୍ଦ। କେବଳ ସେତିକି ନୁହେଁ ଏଠାକାର ନିକଟତମ ଅଞ୍ଚଳରେ ଅନେକ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ବି ଦେଖିବାକୁ ମିଳିଥାଏ...**



### କେବେ ଯିବେ

କର୍ଜତକୁ ବୁଲି ଆସିବା ପାଇଁ ବର୍ଷାଦିନ ହେଉଛି ସବୁଠୁ ଭଲ ସମୟ। କାରଣ ଏହିଦିନେ ଏଠାକାର ନଦୀ, ଝରଣା, ପାହାଡ, ପର୍ବତର ସୌନ୍ଦର୍ଯ୍ୟ ଅଧିକ ଆକର୍ଷଣୀୟ ଲାଗିଥାଏ। କିନ୍ତୁ ଏହିସବୁ ସ୍ଥାନକୁ ଯିବାକୁ ହେଲେ ଖୁବ୍ ସତର୍କତା ଅବଲମ୍ବନ କରିବାକୁ ହୋଇଥାଏ। କାରଣ ବର୍ଷା ଯୋଗୁ ରାସ୍ତାଘାଟରେ ଗୋଡ଼ ଖସିଯିବାର ସମ୍ଭାବନା ରହିଛି। ବିପଦ ଥିବାର ଜାଣି ମଧ୍ୟ ପର୍ଯ୍ୟଟକ ବର୍ଷାଦିନେ ହିଁ ଏଠାକୁ ଅଧିକ ସଂଖ୍ୟାରେ ବୁଲି ଆସିଥାନ୍ତି।

### କେମିତି ଯିବେ

ସଡ଼କପଥ ତଥା ରେଳପଥରେ ଏଠାକୁ ଯିବାର ସୁବିଧା ରହିଛି। ମୁମ୍ବାଇ ହେଉଛି ଏହାର ନିକଟତମ ତଥା ମୁଖ୍ୟ ରେଳଷ୍ଟେଶନ। ସେହିପରି ମୁମ୍ବାଇର ଛତ୍ରପତି ଶିବାଜୀ ଅନ୍ତର୍ଜାତୀୟ ବିମାନବନ୍ଦର ହେଉଛି କର୍ଜତର ନିକଟତମ ବିମାନବନ୍ଦର।

### ଦୁଃସାହସିକ ପର୍ଯ୍ୟଟନର ମଜା

ଦୁଃସାହସିକ କ୍ରୀଡ଼ା ପାଇଁ କର୍ଜତରେ ଅନେକ ସୁବିଧା ରହିଛି। ଖାସ୍ କରି ଟ୍ରେକିଂ, ମାଉଣ୍ଟେନିଂ, ହାଇକିଂ ଏବଂ ୱାଟର୍ ରାଫ୍ଟିଂ ଏଠାରେ ସୁବିଧାରେ କରି ହୋଇଥାଏ। ହେଲେ ବର୍ଷାଦିନେ ଏହି କ୍ରୀଡ଼ା ପାଇଁ ଟିକେ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ।

### କ'ଣ କିଣିବେ

ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ବେଶ ସୁଲଭ ମୂଲ୍ୟରେ ଏଠାରୁ କିଣିପାରିବେ, ଯାହାକୁ କର୍ଜତରେ ବସବାସ କରୁଥିବା ଗ୍ରାମବାସୀ ନିଜେ ତିଆରି କରିଥାନ୍ତି ବୋଲି ସୂଚନା ରହିଛି।

### କ'ଣ ଦେଖିବେ

**କୋଥଲିଗଡ଼ ଦୁର୍ଗ:** ଏହା କର୍ଜତ ଅଞ୍ଚଳର ସବୁଠାରୁ ଖାସ୍ ଟ୍ରେକିଂ ପଏଣ୍ଟ ଭାବେ ଜଣାଶୁଣା। ବହୁ ପୁରାତନ ଏହି ଦୁର୍ଗ ଉପରକୁ ଗଲେ ଚତୁଃପାର୍ଶ୍ୱର ଆକର୍ଷଣୀୟ ଦୃଶ୍ୟକୁ ମନଭରି ଉପଭୋଗ କରିହୁଏ। ସ୍ଥାନୀୟ ଲୋକଙ୍କ ମତାନୁସାରେ, ଏହା କେବଳ ଏକ ଦୁର୍ଗ ନୁହେଁ, ଅଧିକନ୍ତୁ ଏହା ଏକ ଲାଇଟ୍ ହାଉସ୍‌ର ଅନୁଭବ ବି ଦେଇଥାଏ।

**ଉହ୍ଲାସ ଉପତ୍ୟକା:** ଏହି ଉପତ୍ୟକା ନିଜର ଆକର୍ଷଣୀୟ ଝରଣା ପାଇଁ ବେଶ୍ ପରିଚିତ। ବିଶେଷକରି ବର୍ଷାଦିନେ ଉକ୍ତ ଝରଣାର ଆକର୍ଷଣ ଖୁବ୍ ବଢ଼ିଯାଏ। ଟ୍ରେକିଂ ପରି ଦୁଃସାହସିକ କ୍ରୀଡ଼ା ପାଇଁ ଏଠାରେ ସୁବିଧା ମଧ୍ୟ ରହିଛି। ସେଥିପାଇଁ ପ୍ରକୃତିପ୍ରେମୀଙ୍କଠାରୁ ଆରମ୍ଭ କରି ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ଏହା ଏକ ଆଦର୍ଶ ସ୍ଥଳୀ ଭାବେ ମଧ୍ୟ ନାଁ କରିପାରିଛି।

**କୋଣ୍ଡାନା ଗୁମ୍ଫା:** ମହାରାଷ୍ଟ୍ରର ଅନ୍ୟତମ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ଏହାର ବେଶ୍ ନାଁ ରହିଛି। କର୍ଜତ ବୁଲି ଆସୁଥିବା ଲୋକେ ଚାହିଁଲେ ଏଠାକୁ ମଧ୍ୟ ବୁଲି ଯାଇପାରିବେ। ଏହି ଗୁମ୍ଫା ରୋମାଞ୍ଚକ ଅନୁଭବ ଦେଇଥାଏ। ସେହିପରି ଉକ୍ତ ଗୁମ୍ଫାର ବାସ୍ତୁକଳା ବି ଖୁବ୍



ଆକର୍ଷଣୀୟ ଲାଗିଥାଏ। କୁହାଯାଏ, ବୌଦ୍ଧଧର୍ମ ସହିତ ଏହି ଗୁମ୍ଫାର ଅନେକ ସମ୍ପର୍କ ରହିଛି। କାରଣ ଏଠାରେ ଏବେ ବି ଅନେକ ବୌଦ୍ଧସ୍ତୂପ ଥିବାର ଦେଖିବାକୁ ମିଳିଥାଏ।

**କୋଣ୍ଡେଶ୍ୱର ମନ୍ଦିର:** ଏହି ମନ୍ଦିରରେ ଦେବଦେବ ମହାଦେବଙ୍କୁ ପୂଜା କରାଯାଇଥାଏ। ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ ଏହି ମନ୍ଦିରକୁ ଗଲେ ଖୁବ୍ ଶାନ୍ତି ମିଳିଥାଏ। କର୍ଜତ ବୁଲି ଆସୁଥିବା ପର୍ଯ୍ୟଟକ ଏଠାକୁ ବି ଯାଇପାରିବେ।









# ମେୟର ଘୋଡା

**ଗ**ଣତନ୍ତ୍ର ଶାସନ ଯେକୌଣସି ଦେଶ ପାଇଁ ହିତକର। ଏଥିରେ ଲୋକେ ନିଜର ନେତା ନିଜେ ବାଛିବାର ସୁଯୋଗ ପାଆନ୍ତି। ଆଉ ସମସ୍ତଙ୍କ ଦ୍ୱାରା ନିର୍ବାଚିତ ବ୍ୟକ୍ତି ଆଗକୁ ଯାଇ ଲୋକଙ୍କ ମଙ୍ଗଳ ପାଇଁ କାମ କରିଥାଆନ୍ତି। ହେଲେ କେମିତି ହେବ ଯଦି ଲୋକେ ନିଜର ନେତାଭାବରେ ଏକ ପ୍ରାଣୀକୁ ଚୟନ କରିବେ। ଭାବୁଥିବେ ଏମିତି କ'ଣ କେବେ ସମ୍ଭବ? ହଁ ସମ୍ଭବ। କାରଣ ୟୁକେ, କକିଂଟନ୍‌ରେ ଏମିତି ଘଟିଛି। ଏଠାକାର ଲୋକେ ପ୍ୟାଟ୍ରିକ ନାମକ ଏକ ଘୋଡାକୁ ମେୟରଭାବେ ଚୟନ କରିଛନ୍ତି। ଏହି ପଦବୀ ପାଇଁ ଅନେକ ପ୍ରାର୍ଥୀ ଆଶାୟୀ ଥିଲେ। କିନ୍ତୁ ପ୍ୟାଟ୍ରିକ ସମସ୍ତଙ୍କୁ ପଛରେ ପକାଇ ବିପୁଳମାତ୍ରାରେ ଭୋଟ ପାଇ ବିଜୟ ଲାଭ କଲା। ଏବେ ମେୟର ପ୍ୟାଟ୍ରିକ୍ ଅଫିସ୍‌ରେ ବସୁଛି। ତାକୁ ବିୟର ପିଇବା ବହୁତ ପସନ୍ଦ। କାରଣ ମେୟର ହେବା ପୂର୍ବରୁ ସେ ଏକ ପବ୍‌ରେ ଥିଲା। ଆଉ ତା' ମାଲିକ ତାକୁ ବିୟର ପିଇବାକୁ ଦେଉଥିଲେ। ତେବେ ପବ୍‌କୁ ଆସୁଥିବା ଲୋକ ପ୍ୟାଟ୍ରିକ୍‌କୁ ବହୁତ ପସନ୍ଦ କରୁଥିଲେ। ପ୍ୟାଟ୍ରିକ୍‌ର ଭଲ ବ୍ୟବହାର ପାଇଁ ସେ ଏଠାକାର ସବୁ ଲୋକଙ୍କ ମନ ଆଗରୁ ଜିଣି ସାରିଥିଲା। ଆଉ କରୋନା ସମୟରେ ତ ପ୍ୟାଟ୍ରିକ ଅନେକ ଲୋକଙ୍କୁ ଅବସାଦରୁ ରକ୍ଷା କରିଥିଲା। ତେଣୁ ଏଠାକାର ଲୋକେ ପ୍ୟାଟ୍ରିକ୍‌କୁ 'ଥେରାପୀ ପୋନି' ମଧ୍ୟ କହନ୍ତି। ତେବେ ପ୍ୟାଟ୍ରିକକୁ ମେୟର ବାଛିବା ପଛରେ ଏଠାକାର ଲୋକଙ୍କ ବିଶ୍ୱାସ ଅଛି ଯେ, ପ୍ୟାଟ୍ରିକ ସେମାନଙ୍କ ଜୀବନରେ ନିଶ୍ଚୟ କିଛି ପରିବର୍ତ୍ତନ ଆଣି ପାରିବ।



## କାର୍ଟୁନ କର୍ନର





## କଥା ଚାଟ୍

–ଓଁ ଅଭିଜ୍ଞାନ ସାହୁ

# ଭ୍ରମନ୍ତି "ଭ୍ରମ"ରେ

ଆପଣମାନଙ୍କ ମନେ ଥିବ ଗତ ସପ୍ତାହରେ ଲଗାଣ ବର୍ଷା ଅଢେଇ ଦିନ କାଳ ହୋଇଥିଲା। ସେହି ସମୟରେ ଦିନେ ସନ୍ଧ୍ୟାରେ ଗୋଟେ କାମରେ କଟକ ରାମଚନ୍ଦ୍ର ଭବନ ପାଖ ଦେଇ ଯାଉଥିବା ବେଳେ ବର୍ଷା ଯୋଗୁ ସେଠି ଅଟକି ଗଲି। କ'ଣ ଗୋଟେ ସାହିତ୍ୟ ସଭା ଚାଲୁଥାଏ। ଏତେବଡ଼ ହଲ୍‌ରେ ପ୍ରାୟ ହାତ ଗଣତି ଲୋକଙ୍କୁ ଛାଡିଦେଲେ ଆଉ କେହି ନଥିଲେ। ଅନିମନ୍ତ୍ରିତ ଅତିଥି ହୋଇ ପଛ ସିଟରେ ବସିଗଲି। କିଛି ସମୟ ପରେ ଜଣେ ଭଦ୍ରଲୋକ ଆସି ପଚାରିଲେ "ଆଜ୍ଞା ଭଲ ଅଛନ୍ତି ତ ? ଯାହାହେଉ ଆପଣ ଆସିଲେ।" ମୁଁ ମନେ ମନେ ଭାବିଲି ଏ ଭଦ୍ରଲୋକ କ'ଣ ମୋତେ ଜାଣନ୍ତି!! ଆଗରୁ କେଉଁଠି ଦେଖିଲା ପରି ଲାଗୁ ନଥିଲା। ସୌଜନ୍ୟ ଦୃଷ୍ଟିରୁ ତାଙ୍କୁ ହସି ହସି ସବୁ ଭଲ ବୋଲି କହିଲି। କିଛି ସମୟ ପରେ ମୋ' ପାଖରେ ଆଉ ଜଣେ ଆସି ବସିଲେ। ହାତରେ ଚୌକତା ଭାଙ୍ଗି ଗୋଟେ ପୁରୁଣା ବ୍ୟାଗଟିକୁ ଧରିଥାନ୍ତି। ବର୍ଷାର ବେଗ ତୀବ୍ର ହେଉଥାଏ ପଛେ କମୁ ନଥାଏ। ଅଗତ୍ୟା ସେଠାରେ ବସିବା ଛଡା ଅନ୍ୟ ଉପାୟ କିଛି ନଥିଲା। କିଛିସମୟ ପରେ ପୂର୍ବର ଭଦ୍ରବ୍ୟକ୍ତି ଜଣଙ୍କ ଆସିଲେ। ମୋ ପାଖରେ ବସିଥିବା ଲୋକଙ୍କୁ ଦେଖି କହିଲେ, କ'ଣ ରାଉତ ବାବୁ ସବୁ ଭଲ ? ଆଜି ଆପଣଙ୍କ କଟେପୁଅ ବାର। ଲୋକ କମ୍ ଅଛନ୍ତି। ଓଃ, ବ୍ୟାଗ୍ ସାଙ୍ଗରେ ଆଣିଛନ୍ତି। ହଉ ଭଲ। ଲାଭ ହିଁ ଲାଭ। ମୁଁ କିଛି ବୁଝି ପାରୁ ନଥାଏ। ସାହିତ୍ୟ ସଭାରେ କି ପ୍ରକାର ଲାଭ ହୁଏ! ଭଦ୍ରବ୍ୟକ୍ତି ଜଣଙ୍କ ପୁଣି ମୋତେ ଚାହିଁ କହିଲେ, "ସାର୍ ଆପଣ ଏକା ଆସିଲେ ମ୍ୟାଡାମଙ୍କୁ ଆଣିଲେନି ? ଭଲ ଲାଗିଲାନି।" ମୁଁ ଭାବିଲି କିଏ ଏ ଭଦ୍ରଲୋକ ଯିଏ ମୋ' ପତ୍ନୀଙ୍କ ନ ଆସିବାରେ ମର୍ମାହତ!! ଆଜିର ସଭା କି ଭଦ୍ରଲୋକଙ୍କ ସମ୍ପର୍କରେ ପ୍ରାକ ସୂଚନା ଆମକୁ ଘରୁ କେମନ୍ତ ମିଳିନି! ସୁଯୋଗ ଦେଖି ପାଖରେ ବସିଥିବା ଲୋକଙ୍କୁ ପଚାରିଲି, "ଆଜ୍ଞା ଆପଣ କ'ଣ ଲେଖାଲେଖି କରନ୍ତି ?" ମୋ କଥା ଶୁଣି ସେ କହିଲେ– "ନା ମୁଁ ସାହିତ୍ୟିକ ଫାଇତ୍ୟିକ ନୁହେଁ। ମୋ ଘର ଏହି ପାଖରେ। ରାମଚନ୍ଦ୍ର ଭବନ, ଶତାବ୍ଦୀ ଭବନ, ଟାଉନ ହଲ କି ସହିଦ ଭବନରେ ଯେଉଁସବୁ ମିଟିଂ ହୁଏ ମୁଁ ନିୟମିତ ଆସେ।"– "ତେବେ ସେ ବାବୁ ଯେଉଁ ଲାଭ କଥା କହୁଥିଲେ ସେଇଟା କଣ ?" ମୁଁ ବଡ଼ ଉତ୍ସୁକତାର ସହ ପଚାରିଲି। ବାବୁ ଜଣଙ୍କ ଟିକେ ମୁରୁକି ହସି କହିଲେ, "ହେ, ସେ ଲୋକଟା ଗୋଟେ ଲୁଙ୍ଗୁରା। ଖାଲି ଟିକେ ଦେହଗଜ ହେବ ବୋଲି ହଜାରେ ସଂସ୍ଥାର ମେମ୍ବର ଅଛି। ଜୀବନରେ ଚିଠି ଖଣ୍ଡେ ଲେଖି ନଥିବ ପଛେ ଛାତିରେ ରିବନ୍ ବାଲା ବ୍ୟାଚ ମାରି ଏମିତି ହେଉଥିବ ଯେ ଦେଖିଲେ ଲାଗିବ ଯେମିତି ବଡ଼ ଲେଖକଟାଏ। ପ୍ରତିଦିନ କେଉଁ ନା କେଉଁ ମିଟିଂରେ ସେ ଥିବ। ମୋ ସହ ଏମିତି ମିଟିଂ ମାନଙ୍କରେ ଦେଖା ହୁଏ ତ ସେଥିପାଇଁ ଥଟ୍ଟାରେ ଟିକେ କହିଦେଲା। କଥା କ'ଣ କି ସବୁ ଦିନ ସବୁ ଜାଗାରେ କିଛି ନା କିଛି ମିଟିଂ ଥାଏ। ତେଣୁ ସନ୍ଧ୍ୟା ଜଳଖିଆଟା ମୋର ଏଇଠୁ ମିଳିଯାଏ। ଆଜି ବର୍ଷା ଯୋଗୁଁ ଲୋକ କମ୍ ଆସିଥିବେ, ଖାଇବା ପ୍ୟାକେଟ୍ ଗୁଡାଏ ବଳିପଡ଼ିବ ବୋଲି ସାଙ୍ଗରେ ବ୍ୟାଗ ନେଇଆସିଛି। ଘରପାଇଁ ନେଇଗଲେ ଘର ଲୋକେ ବି ଖୁସି। ଯାକୁଇ ସେ



କହୁଛି ଆଜି ଲାଭରେ ରହିବି। ନିଜେ ତ ସେଇଥିରୁ ଗୋଟିଏ ମୋତେ ପୁଣି କହୁଛି।" ନିଜ ଭିତରୁ ଛାଟିପିଟି ହୋଇ ବାହାରି ଆସୁଥିବା ହସକୁ କୌଣସି ପ୍ରକାର ରୋକି ମୁଁ ମୁହଁ ବୁଲେଇ ବର୍ଷା ଛାଡ଼ିଲାଣି କି ନାହିଁ ଦେଖିବାକୁ ବାହାରକୁ ଆସିଲି। ଯୋଗକୁ ସେଇ ଭଦ୍ରବ୍ୟକ୍ତି ଜଣଙ୍କ ମୋତେ ଦେଖି କହିଲେ, "ଜାଣିଲେ ସାର୍ ଆପଣଙ୍କ ମ୍ୟାଡାମ ଭାରି ବଢିଆ। ମୋର ବହୁତ ଭଲ ପରିଚୟ ତାଙ୍କ ସହ। ଆପଣ ଟିକେ ସାଙ୍ଗରେ ନେଇ ଆସି ନଥାନ୍ତେ ?" କି ଅଜବ ଲୋକ। ବାରମ୍ବାର ମୋ ପତ୍ନୀଙ୍କ କଥା କହୁଛନ୍ତି! ମୁଁ ବିରକ୍ତ ହୋଇ କହିଲି, ଦେଖନ୍ତୁ ଯଦି ମୋର ଆସିବା ଆପଣଙ୍କୁ ଭଲ ନ ଲାଗୁଛି ତେବେ ମୁଁ ପଳେଇ ଯାଉଛି। ଏମିତିରେ ମୋର ଏଠାକୁ ଆସିବାର ନଥିଲା, ବାହାରେ ବର୍ଷା ଯୋଗୁ ଆସି ଭିତରେ ବସିଛି। ମୁଁ ଘରକୁ ଗଲେ ଆପଣଙ୍କ ମ୍ୟାଡାମଙ୍କୁ କହିଦେବି।" ମୋ କଥା ଶୁଣି ସେ କହିଲେ, "ସାର୍ ଆପଣ ରାଗୁଛନ୍ତି କାହିଁକି ? ଏଇ ମିଟିଂକୁ ଆପଣଙ୍କୁ ସାଙ୍ଗରେ ନେଇ ଆସିବାକୁ ମୁଁ ମ୍ୟାଡାମଙ୍କ ସହ କଥା ହୋଇଥିଲି। ସେ ମୋତେ କହିଥିଲେ ଆପଣ ଏବେ ବହୁତ ବିଜି ରହୁଛନ୍ତି। ବିଜି ଲୋକ ହୋଇ ଆପଣ ଆସିଲେ କିନ୍ତୁ ସେ କେମିତି ଆସିଲେନି!!" ମୋ ମୁଣ୍ଡକୁ ତେନ୍ତୁଳିଆ ବିଛା କାମୁଡିବା ସ୍ୱାଭାବିକ। ସହଜେ ପାଖରେ ବସିଥିବା ସେ ଲୋକଟା ଯାକୁ ଲୁଙ୍ଗୁରା ବୋଲି କହିଛି। ବହପ ଦେଖେଇ ମୋ' ପତ୍ନୀଙ୍କ ସହ କେଡ଼େ ଅନ୍ତରଙ୍ଗ ଦେଖେଇ ହେଉଛି। ମୁଁ ମୋର କାମ ପାଇଁ ଅଧିକାଂଶ ସମୟ ବାହାରେ କାଟୁଛି। ମୋତେ ନ ଜଣେଇ ମୋ ପତ୍ନୀ ମିଟିଂ ଫିଟିଙ୍ଗ ସବୁ ଯାଉଛନ୍ତି! କଥା ଆସି ଏଠି ତେବେ! ହେଇଥିବ। ମୁଁ ଏବେ ମାର୍କ କରିପାରୁଥିଲି ତାଙ୍କର ମୋ' ପ୍ରତି ବ୍ୟବହାର ଆଉ ଆଗ ଭଳି କାହିଁକି ନାହିଁ। ପୂର୍ବ ଅପେକ୍ଷା ତାଙ୍କର ସଜବାଜରେ ଅନେକ ମତ୍ତ୍ୱର୍ଣ୍ଣ ପରିବର୍ତ୍ତନ। ଆଉ ବେଶି କିଛି ଭାବିପାରିଲି ନାହିଁ। ସେହି ବର୍ଷାରେ ତିନ୍ତି ତିନ୍ତି ଘରକୁ ଫେରିଲି।

ଏଇ ତିନିଦିନ ଭିତରେ ମୁଁ ମୋ ସ୍ତ୍ରୀଙ୍କୁ କେତେଥର ଜଗନ୍ନାଥଙ୍କ ଫଟୋ ଛୁଆଁଇ ସତ କହିବାକୁ ବାଧ୍ୟ କରିସାରିଲିଣି। ସିଏ ବି ରାଗରେ କହିଲେଣି, "ସେ ପୋଡାମୁହାଁ ଲୋକ ପାଖକୁ ମୋତେ ନେଇ ଚାଲ, ମୁହାଁମୁହିଁ ଗୋଟେ ମୁକାବିଲା ହେଇଯାଉ। ତୁମେ ସେଇଥିରୁ ଗୋଟିଏ ବୋଲି କ'ଣ ମୋତେ ସେମିତିକା ଭାବିଲ କି ? ଦରକାର ପଡ଼ିଲେ ମୁଁ ଅଗ୍ନି ପରୀକ୍ଷା ଦେଇଦେବି।" ତାଙ୍କୁ ରାଗରେ କହିଲି, "ଠିକ ଅଛି, ଅଗ୍ନି ପରୀକ୍ଷା ଦେଇ ମତେ ସତ ଦେଖାଅ।" ମୋ କଥା ଶୁଣି ନାକ କାନ୍ଦୁରୀ କହିଲେ, "ତୁମେ ତ ସେୟା ଚାହୁଁଛ ମୁଁ କେମିତି ଶୀଘ୍ର ମରେ। ହେଇଟି କହିଦେଉଛି ମୋ' ଧନକୁ ଅନାଥ କରି ମୁଁ ଯିବିନି। ଆଗ ତା' ପାଇଁ ସୁନାନାକୀ ବୋହୂ ଘରକୁ ଆଣେ ତା'ପରେ ନାତି ମୁହଁ ଦେଖିଲେ ମରିବି।" ତାଙ୍କ କଥା ଶୁଣି ମୋ ରାଗ ପଞ୍ଚମରେ। ଆଗରୁ ଖାଲି ଧନ ବାହାଘର ଯାଏଁ ସମୟ ନେଉଥିଲ ଏବେ ନାତି ଯାଏଁ କଥା ଗଲାଣି। ଏତେ ସମୟ ଯାଏଁ ଅପେକ୍ଷା କରିବା ପାଇଁ ମୋର ଆଉ ଧୈର୍ଯ୍ୟ ନାହିଁ। ଛିଃ, ଚଏସ୍ ବୋଲି କିଛି ଜିନିଷ ଅଛି କି ନା ନାହିଁ ତୁମର ? କେହି ମିଳିଲେନି, ଶେଷକୁ ସାହିତ୍ୟ ସଭାରେ ବୁଲି ବୁଲି ଭୋଜନ କରୁଥିବା ଗୋଟେ ଲୁଙ୍ଗୁରା, ଲଫଙ୍ଗାକୁ!!

ତିନିଦିନ ଧରି ଭୀଷଣ ମାନସିକ ଚିନ୍ତାରେ ରହିଲି। ଦାମ୍ପତ୍ୟର ସତର ବର୍ଷ କାଟିଲା ପରେ କ'ଣ ଅସୁବିଧା ଥିଲା ମୋଠି ଯେ ମୋ ପତ୍ନୀଙ୍କ ମନ ମୋଠୁ ଫାଟି ଛାଡ଼ିଗଲା ? ଯେମିତି ହେଲେ ଫଇସଲା ଗୋଟେ ହେଇଯାଉ ଭାବି ସନ୍ଧ୍ୟାରେ ବାହାରିଲି ସେହି ଲୋକକୁ ଭେଟିବାକୁ। ସେ ଲୋକଟା ନିଶ୍ଚେ କେଉଁ ମିଟିଂରେ ଥିବ ବୋଲି ବିଶ୍ୱାସ ଥିଲା। ସେଦିନ ସହୀଦ ଭବନର ମିଟିଂରେ ସେଇ ଭଦ୍ରବ୍ୟକ୍ତି (ଧିକ୍ ସେଗୁଡାଙ୍କୁ ଭଦ୍ର କୁହାଯିବା ଠିକ୍ ନୁହେଁ) ଦେଖା ହେଇଗଲେ। ମୋତେ ଦେଖି ଅତି ସନ୍ତର୍ପଣରେ ନ ଦେଖିଲା ପରି ଚାଲିଯାଉଥିଲେ। ରାଗରେ ତାଙ୍କ ହାତ ଧରି ବାହାରକୁ ଟାଣି ଆଣିଲି। ମୁଁ କିଛି କହିବା ପୂର୍ବରୁ ସେ ଆରମ୍ଭ କଲେ– "ଆଜ୍ଞା କ୍ଷମା କରନ୍ତୁ ସେଦିନ ମୁଁ ଆପଣଙ୍କୁ ବିଜୟ ବାବୁ ଭାବିନେଇଥିଲି।"

––ମାନେ ? ? ମୁଁ ଚଢା ଗଳାରେ ପଚାରିଲି–– କ୍ଷମା କରିବେ। କବୟିତ୍ରୀ ଅର୍ଚ୍ଚନା ମ୍ୟାଡାମ ଆମର ସବୁ ସାହିତ୍ୟ ମିଟିଂକୁ ଆସନ୍ତି। ତାଙ୍କ ସହ ବହୁଦିନ ତଳେ ତାଙ୍କ ସ୍ୱାମୀ ବିଜୟ ବାବୁଙ୍କୁ ଦେଖିଥିଲି। ଥରେ ମାତ୍ର। ଆପଣ ମୋତେ ବିଜୟ ବାବୁ ଭଳି ଲାଗିଲେ। ସେଦିନ ମିଟିଂ ସରିଲା ପରେ ମୁଁ ମ୍ୟାଡାମ ମାନେ ଅର୍ଚ୍ଚନା ମ୍ୟାଡାମଙ୍କୁ ଫୋନ କରିଥିଲି। ସେ ଓ ବିଜୟ ବାବୁ ବର୍ଷା ଯୋଗୁଁ ଘରେ ଥିଲେ। ତା'ପରେ ମୋର ହୃଦବୋଧ ହେଲା ...ଆପଣ ..। ତାଙ୍କ କଥା ଶୁଣି ମୁଁ ହସିବି କି କାନ୍ଦିବି କିଛି ବୁଝି ପାରୁନଥିଲି। ଏଇ ହୃଦ୍‌ବୋଧର ଟିକକ ଭୁଲ ଯୋଗୁ ମୋର ଡିଭୋର୍ସ ହେଉ ହେଉ କୁହ ରହିଗଲା। ତିନିଦିନ ହେଲା ଘରେ ଭଲରେ ଖିଆପିଆ ହୋଇନି। ଏ ସମୟ କେମିତି କଟିଛି କେବଳ ଭୁକ୍ତଭୋଗୀ ଜାଣେ।

ବିଶେଷ ସୂଚନା: ନିଆଁ ନ ଲାଗିବାକୁ କବୟିତ୍ରୀ ମ୍ୟାଡାମଙ୍କ ନାମରେ ସାମାନ୍ୟ ପରିବର୍ତ୍ତନ କରିଛି। ଯଦି କୌଣସି କବୟିତ୍ରୀଙ୍କ ବିଜୟ ନାମ ଧାରୀ ପତି ଏହି ଲେଖା ପଢୁଥାନ୍ତି ତେବେ ତାଙ୍କ ଘରେ ନିଆଁ ଲାଗିଲେ ମୁଁ ଆଦୌ ଦାୟୀ ରହିବିନି।

*–ବନମାଳୀ ଭବନ, ଖାନ୍ ନଗର, କଟକ*

*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଏ ଡିସ୍‌ରପ୍‌ଟେଡ୍ ୱାର୍ଲ୍ଡ

**ଡାକ୍ତର ସୁକାନ୍ତ ଦାସ**

**ପ୍ରକାଶକ–ନୋଟିଅନ୍ ପ୍ରେସ୍. କମ୍, ଭାରତ, ମୂଲ୍ୟ–୪୯୯ଟଙ୍କା**

ଏ ଡିସ୍‌ରପ୍‌ଟେଡ୍ ୱାର୍ଲ୍ଡ ଡାକ୍ତର ସୁକାନ୍ତ ଦାସଙ୍କ କରୋନା ଭୂତାଣୁକୁ ନେଇ ରଚିତ ପୁସ୍ତକ। କରୋନା ସମୟରେ ସାରା ବିଶ୍ୱ କିଭଳି ବିଚ୍ଛେଦ ହୋଇ ଯାଇଥିଲା ସେ ବିଷୟରେ ଡାକ୍ତର ଦାସ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଛନ୍ତି। ଏହାର ଉତ୍ପତ୍ତି ଇତିହାସ ମଧ୍ୟ ଲେଖିଛନ୍ତି। ଭାରତରେ କରୋନାର ପ୍ରଥମ ଲହର କେମିତି ଲୋକଙ୍କୁ ମୃତ୍ୟୁମୁଖରେ ପକାଇ ସାରା ବିଶ୍ୱକୁ ବିଚ୍ଛେଦ କରିଥିଲା ସେ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଛନ୍ତି। ସେହିପରି ଏହାର ଔଷଧ ଖୁବ୍ ଶୀଘ୍ର ଉଦ୍ଭାବନ ହୋଇଛି, କିନ୍ତୁ ଏହାର ସ୍ଥାୟିତ୍ୱ ଓ ଏହା ମଣିଷକୁ କେତେଦିନ ଯାଏ ସୁରକ୍ଷା ଦେଇ ରଖିପାରିବ ସେ ନେଇ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଡାକ୍ତର, ନର୍ସ, କରୋନା ଯୋଦ୍ଧା ଓ ଆଶାକର୍ମୀଙ୍କ ଭୂମିକାକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି ଡାକ୍ତର ଦାସ। ଆଶା ପୁସ୍ତକଟି ଡାକ୍ତର ଏବଂ ସାଧାରଣ ଲୋକଙ୍କୁ କରୋନା ସମ୍ପର୍କରେ ଅନେକ ନୂତନ ତଥ୍ୟ ଦେବା ସହ ସତର୍କତା ବିଷୟରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ।




### ହେ ମହାବାହୁ !

**ଡକ୍ଟର ଲିଙ୍ଗରାଜ ରଥ, ଲିପିକା, ନିଜିଗଡ କୁରୁଖି, ହରିରାଜପୁର, ଜଟଣୀ, ମୂଲ୍ୟ–୧୫୦ଟଙ୍କା**

ହେ ମହାବାହୁ ଡକ୍ଟର ଲିଙ୍ଗରାଜ ରଥଙ୍କ ଭକ୍ତିଗୀତି ସଂକଳନ । ଏଥିରେ ୧୦୮ଟି ଭକ୍ତିଗୀତି ପ୍ରକାଶିତ ହୋଇଛି। କବିଙ୍କ ଦୃଷ୍ଟିରେ ଶ୍ରୀ ଜଗନ୍ନାଥ ହେଉଛନ୍ତି ଅନାଦି, ଅନନ୍ତ, ଅଣାକାର, ନିରାକାର, ନିରଞ୍ଜନ ଓ ପରଂବ୍ରହ୍ମ। କେଉଁଠାରେ ଜଗନ୍ନାଥ ଦାରୁବ୍ରହ୍ମତ୍ୱ, କେଉଁଠାରେ ନିର୍ଗୁଣତ୍ୱ ପ୍ରତିପାଦନ କରିବା ସଂଗେ ସଂଗେ ଅନ୍ୟ କେଉଁଠାରେ ମୂର୍ତ୍ତି ତତ୍ତ୍ୱର ରହସ୍ୟ ବର୍ଣ୍ଣନା କରିଛନ୍ତି। ଶ୍ରୀକ୍ଷେତ୍ର, ମହାପ୍ରସାଦ, ନୀଳଚକ୍ର ଏପରିକି ବଡଦାଣ୍ଡ ଧୂଳିର ମହତ୍ତ୍ୱକୁ ଅତ୍ୟନ୍ତ ଭକ୍ତି ଭାବର ସହ ଗୀତଗୁଡିକର ବର୍ଣ୍ଣନା କରିଛନ୍ତି। ଅନେକ ଭଜନରେ କାଳିଆ ନାମ ବ୍ୟବହାର କରି ଜଗନ୍ନାଥଙ୍କ ମହିମା ବର୍ଣ୍ଣନା କରିଛନ୍ତି। ଏଥିରୁ ବାରି ହୋଇପଡେ କାଳିଆ ଶବ୍ଦଟି କବିଙ୍କର ଅତି ଆପଣାର ବୋଲି। ଜଗନ୍ନାଥ ଚେତନାର ପ୍ରଚାର ପ୍ରସାର କରିବାରେ କବିଙ୍କ ଉଦ୍ୟମ ପ୍ରଶଂସନୀୟ। ଏହି କବିତା ସଂକଳନଟି ପାଠକାଦୃତ ହେବ ବୋଲି ଆଶା କରାଯାଏ।




### ଭିନ୍ନ ଇଲାକାର ସ୍ୱର

**ନିରାକାର ଦାସ**

**ପ୍ରକାଶକ– ପ୍ରାଚୀତାରା ପ୍ରକାଶନ**

**ବରମୁଣ୍ଡା, ଭୁବନେଶ୍ୱର , ମୂଲ୍ୟ–୧୫୦ଟଙ୍କା**

ଭିନ୍ନ ଇଲାକାର ସ୍ୱର କବି ନିରାକାର ଦାସଙ୍କ କବିତା ପୁସ୍ତକ। ଏଥିରେ ୩୫ଟି କବିତା ସ୍ଥାନ ପାଇଛି । ପୁସ୍ତକଟି ଅନ୍ୟ କାହାର ସ୍ୱର ନ ହୋଇ ମାଟି, ପାଣି, ଆକାଶ ଓ ସାଧାରଣ ମଣିଷର ସ୍ୱର ହୋଇଛି। । ସମଗ୍ର ବିଶ୍ୱ କୁଟୁମ୍ବକତାର ମହାମାନବୀୟ, ମୁକ୍ତ, ଉଦାର ଓ ଜୀବନ ଦର୍ଶନରୁ ଓହରି ଯାଇ ଧର୍ମ ଓ ରାଜନୀତିର ବସ୍ତୁବାଦୀ ଓ ବିଦେଶୀ ସଂସ୍କୃତିର ସାମ୍ରାଜ୍ୟବାଦୀ ଇଲାକାକୁ ଠେଲି ହୋଇଛି। କିନ୍ତୁ ତାହା ଜଣେ ସଚେତନ ମଣିଷ ନିଜ ଦୃଷ୍ଟିରେ ନେବାକୁ ବାଧ୍ୟ। କବିଙ୍କର ଅଧିକାଂଶ କବିତାରେ ନୂଆ ସକାଳ, ନୂଆ ସୃଷ୍ଟି ଓ ସାମ୍ରାଜ୍ୟ ଗଠନର ସ୍ୱପ୍ନରେ ବିଭୋର। ଯେମିତି ରାତି ପାହୁ/ନୂଆ ସୂର୍ଯ୍ୟ ଉଉଁ। କବିତାର ଭାଷା, ଭାବ ଆଉ ଚିନ୍ତା ଚେତନା ଦିଗନ୍ତ ବିସ୍ତାରୀ ବହୁ ଊର୍ଦ୍ଧ୍ୱରେ। ବହିଟିର ସବୁ କବିତା ପାଠକଙ୍କ ମନ ଛୁଇଁବ ବୋଲି ଆଶା କରାଯାଏ।



# ସୁନା ଆଖି ଥିବା ଯୁବତୀ



ବେଳେବେଳେ ସମୟ ଏମିତି ଆସେ ଯେବେ ଜୀବନ ବଞ୍ଚାଇବା ଲାଗି ମଣିଷକୁ ନିଜ ଶରୀରର ଅଙ୍ଗକୁ ବଳି ଦେବାକୁ ପଡିଥାଏ। ପ୍ରାୟତଃ ଦୁର୍ଘଟଣା ଅବା କୌଣସି ଇନ୍‌ଫେକ୍ସନ ହୋଇଥିଲେ ଏଭଳି ସ୍ଥିତି ଉପୁଜିଥାଏ। ଆଉ ଏଭଳି କରିବା ଦ୍ୱାରା ଜୀବନ ତ ବଞ୍ଚିଯାଏ ହେଲେ ସାରା ଜୀବନ ଶରୀରର କୌଣସି ଅଙ୍ଗକୁ ହରାଇ ଜିଇଁବାକୁ ହୁଏ। ସେମିତି ଏକ ସ୍ଥିତି ଦେଇ ଗତି କରିଥିଲେ ଲିଭରପୁଲରେ ରହୁଥିବା ଡାନି ୱିରୋ। ଯେତେବେଳେ ସେ ମାତ୍ର ୬ ମାସର ହୋଇଥିଲେ ରେଟିନାବ୍ଲାଷ୍ଟୋମା ନାମକ ଏକ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏହା ଏକ ବିରଳ ଆଖି କ୍ୟାନ୍ସର। ଯଦି ସେତେବେଳେ ତାଙ୍କ ଆଖି ବାହାର କରାଯାଇ ନ ଥାନ୍ତା ତେବେ କ୍ୟାନ୍ସର ସାରା ଶରୀରରେ ବ୍ୟାପିବାର ଆଶଙ୍କା ଥିଲା। ତେଣୁ କ୍ୟାନ୍ସରଗ୍ରସ୍ତ ତାଙ୍କ ଆଖିକୁ ବାହାର କରି ଦିଆଯାଇଥିଲା। ଆଉ ସେ ସ୍ଥାନରେ ଏକ ନକଲି ଆଖି ଲଗାଇ ଦିଆଗଲା। ହେଲେ ଡାନି ଏହି ଆଖିକୁ ନେଇ ଜମାରୁ ଖୁସି ନ ଥିଲେ କି କେବେ କମ୍ଫର୍ଟେବୁଲ ଅନୁଭବ କରିପାରୁ ନ ଥିଲେ। ଲୋକ ବି ତାଙ୍କ ନକଲି ଆଖିକୁ ନେଇ ଥଟା ମଜା କରୁଥିଲେ। ଏହି ସ୍ଥିତିକୁ ଦୂରେଇବା ପାଇଁ ଏବେ ସେ ସେହି ନକଲି ଆଖି ସ୍ଥାନରେ ଏକ ସୁନା ଆଖି ଲଗାଇଦେଇଛନ୍ତି। ଡାନି କହନ୍ତି, 'ମୁଁ ମୋ ପୁରୁଣା ନକଲି ଆଖିକୁ ନେଇ କେବେ ବି ଖୁସି ନ ଥିଲି। ହେଲେ ଏଇ ସୁନା ଆଖି ଲଗାଇବା ପରେ ମୁଁ ଖୁସି ଅଛି। ତା'ସହ ମୋର ହଜିଯାଇଥିବା ପୁରୁଣା ଆତ୍ମବିଶ୍ୱାସ ବି ମୁଁ ଫେରି ପାଇଛି।' ଏହି ଆଖି ଲଗାଇବା ପାଇଁ ଡାନି ୧୫୦୦୦ ଟଙ୍କା ଖର୍ଚ୍ଚ କରିଛନ୍ତି। ଆଉ ଏହି ଆଖି ଲଗାଇବା ପରେ ସେ ବହୁତ ଭଲ ଭାବେ ଜୀବନ ଜିଉଁଛନ୍ତି।



ବ୍ୟାକ୍ ପେଜ୍







# ମିରର୍ ବିଚ୍

ଜାପାନ, ମିତୋୟୋ ସହରସ୍ଥ ଚିଚିବୁଗାହାମା ବିଚ୍ ବା ବେଳାଭୂମି ହେଉଛି ଏକ ଲୋକପ୍ରିୟ ଟୁରିଷ୍ଟ ଡେଷ୍ଟିନେସନ୍। ହେଲେ ଦିନେ ଏହା ଲୋକଲୋଚନରୁ ଦୂରରେ ଥିଲା। କିନ୍ତୁ ସୋସିଆଲ ମିଡିଆ ପାଇଁ ଆଜି ଏହା ପର୍ଯ୍ୟଟକଙ୍କର ପ୍ରିୟସ୍ଥଳ ପାଲଟିଛି। ୨୦୧୬ରେ ମିତୋୟୋ ସହରରେ ସ୍ଥାନୀୟ ପର୍ଯ୍ୟଟନର ବିକାଶ ପାଇଁ ଏକ ଫଟୋସୁଟ୍ ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା। ସେଥିରେ ଚିଚିବୁଗାହାମା ବେଳାଭୂମିର ଜଳରେ ଦୁଇଟି ପିଲାଙ୍କ ପ୍ରତିଛବିର ଫଟୋ ଏତେ ଚମତ୍କାରଭାବେ ଉଠାଯାଇଥିଲା ଯେ, ଲାଗୁଥିଲା ସତେ ଯେମିତି ତାହା ବେଳାଭୂମିର ଜଳ ନୁହେଁ ବରଂ ଏକ ବଡ଼ ଦର୍ପଣରେ ନୀଳ ଆକାଶ ଭସା ବାଦଲ ସହ ଦୁଇ ପିଲାଙ୍କର ଦୃଶ୍ୟ ଦେଖାଯାଉଛି। ସୋସିଆଲ ମିଡିଆରେ ସେହି ଫଟୋକୁ ବହୁତ ପସନ୍ଦ କରାଯାଇଥିଲା। ଏହାପରେ ସହରର ୱେବସାଇଟ୍‌ରେ ଚିଚିବୁଗାହାମା ବିଚ୍‌ରେ କିଭଳି ପରଫେକ୍ଟ ମିରର୍ ଇଫେକ୍ଟ ଫଟୋ ଉଠାଇହେବ ସେ ନେଇ ଟିପ୍ସ ଦିଆଗଲା। ତା'ସହ ସେଠାକାର ଜୁଆର ଆସିବା ଓ ସୂର୍ଯ୍ୟାସ୍ତ ହେବା ସମୟର ବିବରଣୀ ବି ଦିଆଗଲା। ସୋସିଆଲ ମିଡିଆରେ ଫଟୋକୁ ଏତେ ପସନ୍ଦ କରାଯାଇଥିଲା ଯେ ଏ ସମ୍ପର୍କରେ ଅଧିକ ଜାଣିବା ଲାଗି ଲୋକେ ସହରର ୱେବସାଇଟ୍‌କୁ ଅଧିକରୁ ଅଧିକ ଭିଜିଟ୍ କଲେ। ଆଉ ତା ସମ୍ପର୍କରେ ଅବଗତ ହେବାପରେ ହଜାର ହଜାର ପର୍ଯ୍ୟଟକ ଏହି ମିରର୍ ବିଚ୍‌କୁ ଆସିବାକୁ ଲାଗିଲେ। ଏବେ ପର୍ଯ୍ୟଟକ ଏହି ବେଳାଭୂମିରେ ମିରର୍ ଇଫେକ୍ଟରେ ଫଟୋ ଉଠାଇବା ସହ ବିଚ୍‌ର ଦିବ୍ୟ ସୌନ୍ଦର୍ଯ୍ୟକୁ ମନ ଭରି ଉପଭୋଗ କରିବା ପାଇଁ ବହୁ ମାତ୍ରାରେ ଆସୁଛନ୍ତି।



# ଟ୍ରାନ୍ସଲେସନ୍ କରିବ ଚଷମା



କିଛି ନୂଆ ଶବ୍ଦ ଦେଖିବା ମାତ୍ରେ ଆମେ ଡିକ୍ସନାରୀ ବାହାର କରି ତା'ର ଅର୍ଥ ଖୋଜିବାକୁ ଲାଗୁ। ହେଲେ ଏବେ ସେମିତି କରିବାର ଆବଶ୍ୟକତା ନାହିଁ। କାରଣ ଜାପାନର ଜଣେ ବୈଜ୍ଞାନିକ ଏଭଳି ଚଷମା ତିଆରି କରିଛନ୍ତି, ଯାହା ଅଜଣା ଶବ୍ଦକୁ ଟ୍ରାନ୍ସଲେଟ କରିବାରେ ସକ୍ଷମ। ଚଷମାଟି ଶବ୍ଦକୁ ଟ୍ରାନ୍ସଲେଟ୍ କରି ତା'ର ଟ୍ରାନ୍ସଲେଟେଡ ଇମେଜ ପ୍ରସ୍ତୁତ କରିଥାଏ। କମ୍ପାନୀ ଅନୁସାରେ ଉକ୍ତ ଟେକ୍‌ନିକ୍‌କୁ ଜାପାନର ଇଲେକ୍ଟ୍ରୋନିକ ଶୋ ସିଟେକ ୨୦୧୩ରେ ପ୍ରଦର୍ଶିତ କରାଯାଇଥିଲା। ଏହି ସ୍ମାର୍ଟ ଚଷମା ପର୍ଯ୍ୟଟକଙ୍କ ପାଇଁ ବହୁତ କାମରେ ଲାଗିବ। କାରଣ ଏହାଦ୍ୱାରା ପର୍ଯ୍ୟଟକ ବିଦେଶ ଯାଇଥିବାବେଳେ ସେଠାକାର ହୋଟେଲର ମେନ୍ୟୁକୁ ଉକ୍ତ ଚଷମା ସାହାଯ୍ୟରେ ସହଜରେ ପଢି ବୁଝିପାରିବେ। ତା'ସହ ସେଠାକାର ଭାଷାରେ ଲିଖିତ ସ୍ଥାନଗୁଡିକର ନାମ ବି ଟ୍ରାନ୍ସଲେସନ୍ ମାଧ୍ୟମରେ ପଢିପାରିବେ। ଏହି ଗ୍ଲାସେସ୍ ସାହାଯ୍ୟରେ ଜାପାନୀ, ଇଂରାଜୀ, ଚାଇନା, କୋରିଆ ଭାଷା ଟ୍ରାନ୍ସଲେଟ୍ କରିହୁଏ। ଆଉ ଟ୍ରାନ୍ସଲେସନ୍ କରିବାକୁ ମାତ୍ର ୫ ସେକେଣ୍ଡ ସମୟ ଲାଗିଥାଏ। ଏହା ବହୁ ଉପକାରୀ ହେଲେ ହେଁ କମ୍ପାନୀ ଅନୁସାରେ ଏଥିରେ ଥିବା ସମସ୍ୟାଗୁଡିକ ହେଉଛି ଏହାର ଆକାର, ଓଜନ ଓ ବ୍ୟାଟେରୀ ଲାଇଫ୍ ଅଟେ। ଯାହାକୁ ସମାଧାନ କରିବା ପାଇଁ ଏବେ ଚେଷ୍ଟା କରାଯାଉଛି। ଅନ୍ୟ କିଛି କମ୍ପାନୀ ମଧ୍ୟ ଏହି ଟେକ୍‌ନିକ ଡେଭଲପ୍ କରିବାରେ ଲାଗିଛନ୍ତି। ଆଉ ଗୁଗଲ୍ ବି ନିଜର ଗୁଗଲ୍ ଗ୍ଲାସ ପ୍ରୋଜେକ୍ଟରେ ଏହିଭଳି ଚଷମା ତିଆରି କରିଛି।

